ଶେଷ ମ୍ୟାଚରେ ବଡ଼ ବିଜୟ ସହିତ ବିଦାୟ ନେଲା ଚେନ୍ନାଇ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୧୭ ● ୨୬ ମଇ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-117 ● 26th May 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

# ଅପରେସନ 'ସିନ୍ଦୂର' ଥିଲା ବଦଳୁଥିବା ଭାରତର ଚିତ୍ର

**ନୂଆଦିଲ୍ଲୀ, ୨୫।୫**

ଅପରେସନ 'ସିନ୍ଦୂର' କେବଳ ଏକ ସାମରିକ ଅଭିଯାନ ନ ଥିଲା, ଏହା ବଦଳୁଥିବା ଭାରତର ଏକ ଚିତ୍ର ଥିଲା ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରବିବାର 'ମନ କୀ ବାତ'ର ୧୨୨ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଆଜି ପୂରା ଦେଶ ଆତଙ୍କବାଦ ବିରୋଧରେ ଏକଜୁଟ ହୋଇଛି। ଆତଙ୍କବାଦକୁ ଶେଷ କରିବା ଭାରତର ସଙ୍କଳ୍ପ। ଅପରେସନ 'ସିନ୍ଦୂର'ରେ ଆମ ସେନା ଯେପରି ଅଭୁତ ପରାକ୍ରମ ଦେଖାଇଛନ୍ତି, ତାହା ପ୍ରତି ହିନ୍ଦୁସ୍ତାନୀଙ୍କ ମୁଣ୍ଡକୁ ଗର୍ବରେ ଉଚ୍ଚା କରିଦେଇଛି।

ମୋଦୀ ଆହୁରି କହିଥିଲେ ଯେ, ଅପରେସନ 'ସିନ୍ଦୂର' କେବଳ ଏକ ସୈନ୍ୟ ଅଭିଯାନ ନ ଥିଲା। ଏହା ଆମର ସଙ୍କଳ୍ପ, ସାହସ ଏବଂ ବଦଳୁଥିବା ଭାରତର ଚିତ୍ର। ଏହି ଚିତ୍ର ପୂରା ଦେଶକୁ ଦେଶଭକ୍ତିର ଭାବନାରେ ଭରିଦେଇଛି ଏବଂ ତ୍ରିରଙ୍ଗା ରଙ୍ଗରେ ରଙ୍ଗେଇ ଦେଇଛି। 'ଆପଣ ମାନେ ଦେଖିଥିବେ, ଦେଶର



ଅନେକ ସହର ଗାଁ ଓ ଛୋଟ ଛୋଟ ଗଳିରେ ତ୍ରିରଙ୍ଗା ଯାତ୍ରା ବାହାରିଛି । ହଜାର ହଜାର ଲୋକେ ହାତରେ ତ୍ରିରଙ୍ଗା ଧରି ଦେଶର ସେନାର ବନ୍ଦନା ଓ ଅଭିନନ୍ଦନ ଜଣାଇବାକୁ ବାହାରି ପଡିଛନ୍ତି । ଅନେକ ସହରରେ ସିଭିଲ ଡିଫେନ୍ସ ଭଲ୍ୟୁଣ୍ଟିୟର ହେବାକୁ ଦେଶର ଅନେକ ସଂଖ୍ୟାରେ ଯୁବବର୍ଗ ଏକଜୁଟ ହେଉଛନ୍ତି । ଆମେ ଦେଖିଛୁ ଚଣ୍ଡିଗଡରେ ଏକ ଭିଡିଓ ଭାଇରାଲ ହୋଇଥିଲା । ସୋସିଆଲ ମିଡିଆରେ କବିତା ଲେଖୁଛନ୍ତି ଲୋକେ, ସଂକଳ୍ପ ଗୀତ ବୋଲୁଛନ୍ତି, ଛୋଟ ଛୋଟ ପିଲା ଚିତ୍ର କରୁଛନ୍ତି, ଯେଉଁଥିରେ ବଡ଼ ସନ୍ଦେଶ ଲୁଚି ରହିଛି । ଆପଣମାନେ ଦେଖିଥିବେ, ଦେଶର ଅନେକ ସହର ଓ ଗାଁରେ ତ୍ରିରଙ୍ଗା ଯାତ୍ରା କରାଯାଇଛି। ହଜାର ହଜାର ଲୋକ ହାତରେ ତ୍ରିରଙ୍ଗା ଧରି ଦେଶର ସେନାକୁ ଅଭିନନ୍ଦନ କରିବାକୁ ବାହାରିଛନ୍ତି। ଅନେକ ସହରରେ ଯୁବକଯୁବତୀମାନେ ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ ହେବା ଲାଗି ଏକଜୁଟ ହୋଇପଡ଼ିଥିଲେ। ଚଣ୍ଡୀଗଡ଼ର ଭିଡିଓ ସମସ୍ତେ ଦେଖିଥିବେ ବୋଲି ମୋଦୀ ଉଦାହରଣ ଦେଇ କହିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ, ମନ କୀ ବାତ୍‌ରେ ଆମେ ଛତିଶଗଡ଼ରେ ହୋଇଥିବା ବସ୍ତର ଅଲିମ୍ପିକ୍ସ ଏବଂ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ବିଜ୍ଞାନ ପରୀକ୍ଷାଗାର ସମ୍ପର୍କରେ ଆଲୋଚନା କରିସାରିଛେ। ଏଠାକାର ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଅହେତୁକ ଦୁର୍ବଳତା ରହିଛି। ସେମାନେ କ୍ରୀଡ଼ାରେ ବି କମାଲ କରୁଛନ୍ତି। ଏଭଳି ଉଦ୍ୟମରୁ ଜଣାପଡୁଛି ଯେ, ଏହି ଅଞ୍ଚଳରେ ରହୁଥିବା ଲୋକ ଅତ୍ୟନ୍ତ ସାହସୀ। ଏହି ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେବା ସତ୍ତ୍ୱେ ନିଜ ଜୀବନକୁ ସୁଧାରିବା ଲାଗି ବାଟ ବାଛିଛନ୍ତି।

# ଜୁନ୍ ୧୯ରେ ୪ ରାଜ୍ୟର ୫ ବିଧାନସଭା ଆସନ ପାଇଁ ଉପନିର୍ବାଚନ

**ନୂଆଦିଲ୍ଲୀ, ୨୫।୫**

ନିର୍ବାଚନ କମିଶନ ୪ ରାଜ୍ୟର ପାଞ୍ଚଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ତାରିଖ ଘୋଷଣା କରିଛନ୍ତି । ଗୁଜରାଟର କାଦି ଏବଂ ବିସାବଦର ବିଧାନସଭା ଆସନ, କେରଳର ନିଲାମ୍ବୁର, ପଞ୍ଜାବର ଲୁଧିଆନା ଏବଂ ପଶ୍ଚିମବଙ୍ଗର କାଳିଗଞ୍ଜ ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଉପନିର୍ବାଚନ ପାଇଁ ମତଦାନ ତାରିଖ ଜୁନ ୧୯ ସ୍ଥିର କରାଯାଇଛି। ଫଳାଫଳ ଜୁନ ୨୩ ତାରିଖରେ ଆସିବ। ଭାରତୀୟ ନିର୍ବାଚନ କମିଶନ ଗୁଜରାଟ,




କେରଳ, ପଞ୍ଜାବ ଏବଂ ପଶ୍ଚିମବଙ୍ଗର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଉପନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ସମସ୍ତ ପାଞ୍ଚଟି ଆସନ ଇସ୍ତଫା କିମ୍ବା ମୃତ୍ୟୁ ଯୋଗୁଁ ଖାଲି ପଡ଼ିଥିଲା।

ନିର୍ବାଚନ କମିଶନଙ୍କ ଅନୁଯାୟୀ, ଉପନିର୍ବାଚନ ହେବାକୁ ଥିବା ପାଞ୍ଚଟି ଆସନ ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇବ । ନାମାଙ୍କନ ଦାଖଲର ଶେଷ ତାରିଖ ଜୁନ ୨ ତାରିଖ ରହିଛି। ନାମାଙ୍କନ ପତ୍ରଗୁଡ଼ିକର ଯାଞ୍ଚ ଜୁନ ୩ ତାରିଖରେ କରାଯିବ। ଜୁନ ୫ ସୁଦ୍ଧା ପ୍ରାର୍ଥୀ ନିଜ ନାମାଙ୍କନ ପ୍ରତ୍ୟାହାର କରିପାରିବେ। ଏହି ଆସନଗୁଡ଼ିକରେ ସମସ୍ତ ନିର୍ବାଚନ ପ୍ରକ୍ରିୟା ଜୁନ ୨୫ ପୂର୍ବରୁ ସମାପ୍ତ କରିବାକୁ ପଡ଼ିବ।

# କର୍ମଚାରୀଙ୍କ ବାୟୋମେଟ୍ରିକ ହାଜିରା ବାଧ୍ୟତାମୂଳକ

**ଭୁବନେଶ୍ୱର, ୨୫।୫**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଗ୍ରାମୀଣ ଉନ୍ନୟନ ବିଭାଗ କର୍ମଚାରୀଙ୍କ ହାଜିରା ରେକର୍ଡ ବାୟୋମେଟ୍ରିକ ମେସିନ ଜରିଆରେ ବାଧ୍ୟତାମୂଳକ କରିଛି ଏବଂ ସମସ୍ତ କର୍ମଚାରୀଙ୍କୁ ସନ୍ଧ୍ୟା ୫ଟା ୩୦ ମିନିଟ୍ ପୂର୍ବରୁ ଅଫିସ ଛାଡ଼ିବାକୁ ନିଷେଧ କରିଛି।

ବିଭାଗ ଆହୁରି କହିଛି ଯେ ଯଦି କୌଣସି କର୍ମଚାରୀ ଅଫିସ-ଆଉଟ ଡାଟା ରେକର୍ଡ ନ କରନ୍ତି, ତେବେ ସେହି ଦିନ ପାଇଁ ସମ୍ପୃକ୍ତ କର୍ମଚାରୀଙ୍କୁ କର୍ତ୍ତବ୍ୟରୁ ଅନୁପସ୍ଥିତ ବୋଲି ଗଣାଯିବ।

ବିଭାଗର ନିର୍ଦ୍ଦେଶରେ କୁହାଯାଇଛି, ସମସ୍ତ କର୍ମଚାରୀ ସକାଳ ୧୦ଟା ସୁଦ୍ଧା ଅଫିସରେ ପହଞ୍ଚିବେ ଏବଂ ସମସ୍ତ କାର୍ଯ୍ୟଦିବସରେ ସନ୍ଧ୍ୟା ୫ଟା ୩୦ ପୂର୍ବରୁ ଅଫିସ ଛାଡ଼ିବେ ନାହିଁ।

ତେବେ, ଅପ୍ରତ୍ୟାଶିତ ପରିସ୍ଥିତି ଜନିତ ବିଳମ୍ବକୁ ବିଚାରକୁ ନେଇ ୩୦ ମିନିଟର ଛାଡ

ଓଡ଼ିଶା ଗ୍ରାମୀଣ ଉନ୍ନୟନ ବିଭାଗ



ପତ୍ର ଅନୁମୋଦିତ ହୋଇଛି।

ନିର୍ଦ୍ଦେଶରେ ଆହୁରି କୁହାଯାଇଛି ଯେ ବିଭାଗର ଜଣେ କର୍ମଚାରୀଙ୍କୁ ସମସ୍ତ କାର୍ଯ୍ୟଦିବସରେ ଅଫିସରେ ଅତି କମରେ ୭ ଘଣ୍ଟା ୩୦ ମିନିଟ ଉପସ୍ଥିତ ରହିବାକୁ ନିଶ୍ଚିତ କରିବାକୁ ହେବ।

ଚିକିତ୍ସା ବା ଅନ୍ୟ ଜରୁରୀ ପରିସ୍ଥିତି, ଅଫିସିଆଲ ଟୁର, ବିଭାଗ ପରିସର ବାହାରେ ଅଫିସିଆଲ କାର୍ଯ୍ୟ ପାଇଁ ଅନୁପସ୍ଥିତି କିମ୍ବା ଅଫିସ-ଇନ ଏବଂ ଅଫିସ-ଆଉଟ ରେକର୍ଡ କରିବାକୁ ଅନୁମତି ନ ଦେଉଥିବା ଅନ୍ୟ ଅନିବାର୍ଯ୍ୟ ପରିସ୍ଥିତିରେ ସମ୍ପୃକ୍ତ ଅଧିକାରୀଙ୍କୁ ତାଙ୍କ ଶାଖା ଅଧିକାରୀ କିମ୍ବା ଯୋଗ୍ୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇବାକୁ ହେବ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

**ଭୁବନେଶ୍ୱର, ୨୫।୫**
**ନ୍ୟୁଜ୍ ବ୍ୟୁରୋ**

ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ତାଙ୍କର ପରିବାର ବର୍ଗ ସହ ନୂଆଦିଲ୍ଲୀ ଠାରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ସେ ନିଜେ ସୋସିଆଲ ମିଡିଆରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ।

ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଆଜି ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ମୁଁ ମୋର ପରିବାର ବର୍ଗ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲି। ଏଥିରେ ମୋ ସହ ମୋ ଧର୍ମପତ୍ନୀ ତଥା ବଲାଙ୍ଗୀରର ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହଦେଓ, *(ପୃଷ୍ଠା ୭ରେ)*

## ୨୦୨୫-୨୬ ବର୍ଷ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ

# ଆନିମିଆ ମୁକ୍ତ ଭାରତ ଅନ୍ତର୍ଗତ ୫୦ ହଜାର ମହିଳାଙ୍କୁ ସଚେତନ କରିବା ଲକ୍ଷ୍ୟ

**ଭୁବନେଶ୍ୱର, ୨୫।୫**
**ନ୍ୟୁଜ୍ ବ୍ୟୁରୋ**

ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତର ପ୍ରାନ୍ତୀୟ କାର୍ଯ୍ୟଶାଳା ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର ଠାରେ ଆୟୋଜିତ ହୋଇଯାଇଛି। ସଂଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ, ବିଚାର, ଉପଲବ୍ଧି , କାର୍ଯ୍ୟପଦ୍ଧତି, କାର୍ଯ୍ୟକର୍ତ୍ତା ନିର୍ମାଣ, ସଙ୍ଗଠନର ଆୟାମ ( ସଂଗଠନ, ସଂପର୍କ, ସେବା, ପର୍ଯ୍ୟାବରଣ, ମହିଳା ସହଭାଗିତା) ସମ୍ପର୍କରେ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ରର କ୍ଷେତ୍ରୀୟ ପୃଷ୍ଟପୋଷକ ପଦ୍ମଶ୍ରୀ ଡାକ୍ତର ଅଶୋକ ମହପାତ୍ର ଯୋଗ ଦେଇ ପରିଷଦର ମୂଳ ମନ୍ତ୍ର ସୁସ୍ଥ ସମର୍ଥ ସଂସ୍କାରିତ ଭାରତ ଗଠନ ସଂପର୍କରେ କାର୍ଯ୍ୟକର୍ତ୍ତାମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ପୂର୍ବକ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପରିଷଦର ସୈଦ୍ଧାନ୍ତିକ ଭୂମିକା, ସାଂଗଠନିକ ସଂରଚନା, ନିୟମ, ପ୍ରୋଟୋକୋଲ, ବୈଠକ ଏବଂ ସଂଗଠନର ପଞ୍ଚସୂତ୍ରମାନଙ୍କ ବିଷୟରେ କାର୍ଯ୍ୟକର୍ତ୍ତାଙ୍କୁ ଅବଗତ କରାଇଥିଲେ । ପୂର୍ବକ୍ଷେତ୍ରର ସଂଯୁକ୍ତ ମହାସଚିବ ଡାକ୍ତର ପୁରୁଷୋତ୍ତମ୍ ଅଗ୍ରୱାଲ ଯୋଗଦେଇ କାର୍ଯ୍ୟକର୍ତ୍ତା ନିର୍ମାଣ, ପଞ୍ଚ ପରିବର୍ତ୍ତନ ସଂପର୍କରେ କାର୍ଯ୍ୟକର୍ତ୍ତାମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ । ପୂର୍ବତନ ଅଖିଳ ଭାରତୀୟ ଉପସଭାପତି ସଚ୍ଚିଦାନନ୍ଦ ପଣ୍ଡା ମାର୍ଗଦର୍ଶନ କରିଥିଲେ।

ଓଡ଼ିଶା ପୂର୍ବ ପ୍ରାନ୍ତର ଅଧକ୍ଷ ସତ୍ୟବାଦୀ ଦାଶଙ୍କ ଅଧକ୍ଷତାରେ ତଥା ମହାସଚିବ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରାନ୍ତୀୟ କାର୍ଯ୍ୟଶାଳାରେ କାର୍ଯ୍ୟକର୍ତ୍ତାମାନଙ୍କୁ ଚଳିତ ବର୍ଷ ସମାଜର ୧୫୦୦ରୁ ଅଧିକ ସମ୍ପର୍ଣ୍ଣ ଓ ପ୍ରଭାବୀ ବ୍ୟକ୍ତିଙ୍କୁ ସାମିଲ୍ କରାଇବା, ଚଳିତ ବର୍ଷ ୨୦ ଟି ନୂଆ ଶାଖା କରାଇବା, ୧୦୦୦ରୁ ଅଧିକ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା, ଆନିମିଆ ମୁକ୍ତ *(ପୃଷ୍ଠା ୭ରେ)*

# ରଥଯାତ୍ରାରୁ ନୀଳାଦ୍ରି ବିଜେ ମଧ୍ୟରେ ସରିବ ରତ୍ନଭଣ୍ଡାର ମରାମତି କାମ

**ଭୁବନେଶ୍ୱର, ୨୫।୫ : ନ୍ୟୁଜ୍ ବ୍ୟୁରୋ**

ରଥଯାତ୍ରାରୁ ନୀଳାଦ୍ରି ବିଜେ ମଧ୍ୟରେ ସରିବ ରତ୍ନଭଣ୍ଡାର ମରାମତି କାମ। ଏନେଇ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଠାକୁରଙ୍କ ଗୁପ ଖେଳ ପାଇଁ ଏବେ ମରାମତି କାମ ବନ୍ଦ ରହିଛି । ଠାକୁର ରଥକୁ ଆସିଲେ ମରାମତି କାମ ଆରମ୍ଭ ହେବ ଏବଂ ସମ୍ପୂର୍ଣ୍ଣ ହେବ। *(ପୃଷ୍ଠା ୭ରେ)*

## ପାକ୍‌ରେ ଆତଙ୍କବାଦୀ ଆକ୍ରମଣ ୩୨ ସୈନିକ ନିହତ

**କରାଚୀ, ୨୫।୫**

ଆତଙ୍କବାଦ ଏବେ ପାକିସ୍ତାନର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ସମର୍ଥନ କରିବା ଦ୍ୱାରା ପାକିସ୍ତାନକୁ ବହୁତ ମୂଲ୍ୟ ଦେବାକୁ ପଡୁଛି । ଖୁଜଦାରର ଜିରୋ ପଏଣ୍ଟ ନିକଟରେ କରାଚୀ–କ୍ୱେଟା ରାଜପଥରେ ଏକ ସେନା ଦଳ ଉପରେ ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋସିଭ ଡିଭାଇସ ଦ୍ୱାରା ଆକ୍ରମଣ ହେବା ଫଳରେ ୩୨ ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି।

ପୂର୍ବରୁ ଆତଙ୍କବାଦୀ ଘଟଣାଗୁଡ଼ିକ ସାଧାରଣତଃ ପାକିସ୍ତାନର ଦୁର୍ଗମ ଅଞ୍ଚଳଗୁଡ଼ିକରେ ସୀମିତ ଥିଲା, କିନ୍ତୁ ଏବେ ଦେଶର ପ୍ରମୁଖ ସହରଗୁଡ଼ିକରେ ମଧ୍ୟ ଏପରି ଆକ୍ରମଣ ହେବା ଆରମ୍ଭ ହେଉଛି। ଏହି କାରଣରୁ ସେଠାକାର ସୁରକ୍ଷା ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନ ଉଠୁଛି।

ଏକକାଳୀନ ତିନୋଟି ଗାଡ଼ିରେ ବିସ୍ଫୋରଣ ହୋଇଛି । କରାଚୀ–କ୍ୱେଟା ରାଜପଥରେ ପାର୍କିଂ ହୋଇଥିବା ଏକ କାରରେ ବିସ୍ଫୋରକ ରଖାଯାଇଥିଲା । ସେନା ଦଳ ସେହି ରାସ୍ତା ଦେଇ ଯାଉଥିବା ସମୟରେ ବିସ୍ଫୋରଣ ହୋଇଥିଲା। ରିପୋର୍ଟ ଅନୁଯାୟୀ, ସେନା ଦଳରେ ମୋଟ ଆଠଟି ସାମରିକ ଗାଡ଼ି ଥିଲା, ଯେଉଁଥିରୁ ତିନୋଟି ବିସ୍ଫୋରଣର ଶିକାର ହୋଇଥିଲା। *(ପୃଷ୍ଠା ୭ରେ)*

## ପ୍ରବଳ ଝଡ଼ବର୍ଷାରେ ଭୁଷୁଡ଼ିଲା ଏସିପି କାର୍ଯ୍ୟାଳୟ ଛାତ, ଏସଆଇ ମୃତ

**ନୂଆଦିଲ୍ଲୀ, ୨୫।୫**

ଦିଲ୍ଲୀ–ଏନସିଆରରେ ପ୍ରବଳ ଝଡ଼ବର୍ଷା ହୋଇଛି । ବର୍ଷା ଓ ପବନ ଯୋଗୁ ବହୁ ସଂଖ୍ୟାରେ ଗଛ ଉପୁଡ଼ି ଯାଇଛି। ରାସ୍ତାଘାଟ ଜଳମଗ୍ନ ହୋଇଛି। ଏପରି କି କୋଠାଘର ବି ଭୁଶୁଡ଼ି ପଡ଼ିଛି। ରାଜଧାନୀ ନୂଆଦିଲ୍ଲୀକୁ ବିମାନ ଉଡ଼ାଣ ପ୍ରଭାବିତ ହୋଇଛି । ୪୯ଟି ବିମାନର ଗତିପଥ ପରିବର୍ତ୍ତନ କରାଯାଇଛି।

ଉତ୍ତରପ୍ରଦେଶର ଗାଜିଆବାଦ ଅନ୍ତର୍ଗତ ଅଙ୍କୁରବିହାରରେ ଥିବା ସହକାରୀ ପୁଲିସ ଆୟୁକ୍ତ(ଏସିପି)ଙ୍କ କାର୍ଯ୍ୟାଳୟ ଛାତ ଭୁଶୁଡ଼ି ପଡ଼ିଛି। ଏହା ଫଳରେ କାର୍ଯ୍ୟାଳୟରେ ଡ୍ୟୁଟିରେ ଥିବା ଜଣେ ଏସଆଇଙ୍କର ମୃତ୍ୟୁ ଘଟିଛି। ସେ ହେଲେ ୫୮ *(ପୃଷ୍ଠା ୭ରେ)*

# ଭାରତ ଚତୁର୍ଥ ସର୍ବବୃହତ ଅର୍ଥନୀତି ହେବା ଅତ୍ୟନ୍ତ ଗୌରବ ପୂର୍ଣ୍ଣ ବିଷୟ

**ଭୁବନେଶ୍ୱର, ୨୫।୫**
**ନ୍ୟୁଜ୍ ବ୍ୟୁରୋ**

ଜାପାନକୁ ପଛରେ ପକାଇ ଭାରତ ଚତୁର୍ଥ ସର୍ବ ବୃହତ ଅର୍ଥନୀତି ହେବା ଅତ୍ୟନ୍ତ ଗୌରବ ପୂର୍ଣ୍ଣ ବିଷୟ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । କେନ୍ଦ୍ର ସରକାରଙ୍କ ଅଭିନନ୍ଦନୀୟ ପଦକ୍ଷେପ କାରଣରୁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ୨୦୨୪ ପରଠୁ କେନ୍ଦ୍ର ସରକାର ଯେଉଁ ସବୁ ବିସ୍ତୃତ ଯୋଜନା କରିଥିଲେ ସେଥିପାଇଁ ଆମେ ଦଶମ ସ୍ଥାନରୁ ଆସି ଚତୁର୍ଥ ସ୍ଥାନରେ ପହଁଚିଛୁ । ପ୍ରଧାନମନ୍ତ୍ରୀଙ୍କ ଦେଶକୁ ଆଗକୁ ନେବାର ସ୍ୱପ୍ନ ଏବଂ ସ୍ୱାବଲମ୍ବୀ କରିବାର କାର୍ଯ୍ୟ ହିଁ ଏହାକୁ ସମ୍ଭବ କରିପାରିଛି । ଏଥିପାଇଁ ଓଡ଼ିଶା ତରଫରୁ ଆମେ ସମସ୍ତେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଅଭିନନ୍ଦନ ଓ ଧନ୍ୟବାଦ ଜଣାଉଛୁ । ୨୦୩୬ ଓ ୨୦୪୭ ର ଲକ୍ଷ୍ୟ ନେଇ ଆମେ ଆଗକୁ ବଢୁ ଥିବା ବେଳେ ଏହା ଆମ ପାଇଁ ଗୋଟେ ମାଇଲ ଖୁଣ୍ଟ ଭାବେ ପ୍ରମାଣିତ ହୋଇଛି । ୨୦୪୭ ବେଳକୁ ଆମେ ବିଶ୍ୱର ସର୍ବ ବୃହତ ଅର୍ଥନୀତି ହୋଇ ଭାରତ ଛିଡ଼ା ହେବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶା ବି ସମାନ ଭାବେ ତାଳ ଦେଇ ୨୦୩୬ ର ଲକ୍ଷ୍ୟ ନେଇ ଆଗକୁ ବଢୁଛି ବୋଲି ସେ କହିଛନ୍ତି ।

# ଅଣ୍ଡରଗ୍ରାଉଣ୍ଡରେ ଦୌଡ଼ିବ ଭୁବନେଶ୍ୱର ମେଟ୍ରୋ ଟ୍ରେନ୍

**ଭୁବନେଶ୍ୱର, ୨୫।୫**
**ନ୍ୟୁଜ୍ ବ୍ୟୁରୋ**

ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ନେଇ ନୂଆଁ ଅପଡେଟ ଆସିଛି। ରାଜ୍ୟ ସରକାର ଭୁବନେଶ୍ୱରରେ ମେଟ୍ରୋ ଟ୍ରେନ ବ୍ରିଜ ଉପର ବଦଳରେ ମାଟି ଭିତର ଦେଇ ଚଳାଚଳ କରିବାକୁ ଯୋଜନା କରୁଛନ୍ତି। ଏଥି ପାଇଁ ପ୍ରାୟତଃ ପ୍ରସ୍ତୁତି ସଂପର୍କିତ ଆଲୋଚନା ମଧ୍ୟ ହୋଇସାରିଛି। କୋଲକାତା ମେଟ୍ରୋ ଟ୍ରେନ ଭଳି ଭୁବନେଶ୍ୱର ମେଟ୍ରୋ ରେଳ ଅଣ୍ଡରଗ୍ରାଉଣ୍ଡ ହେବ। ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ନେଇ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜଧାନୀରେ ଅଣ୍ଡରଗ୍ରାଉଣ୍ଡ ହେବ ମେଟ୍ରୋ। ମାଟି ତଳେ ଚାଲିବ ମେଟ୍ରୋ।



ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି, ରାଜ୍ୟର ରାଜଧାନୀ ଭୁବନେଶ୍ୱରର ଜନସଂଖ୍ୟା ଦ୍ରୁତଗତିରେ ବଢିବାରେ ଲାଗିଛି । ଏହି କାରଣରୁ ଜନଗହଳି ବଢିବାରେ ଲାଗିଛି। ଭୁବନେଶ୍ୱରରେ ଯେଉଁଭଳି ଭାବେ ଦିନକୁ ଦିନ ଭିଡ଼ ନିୟନ୍ତ୍ରଣ ବାହାରକୁ ଯାଉଛି, ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବଡ଼ ପ୍ଲାନ କରିଛନ୍ତି । ସେଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ଅଣ୍ଡରଗ୍ରାଉଣ୍ଡ କରାଯିବାକୁ ନିଷ୍ପତ୍ତି ହୋଇଛି।

ଭୁବନେଶ୍ୱରରେ ପ୍ରସ୍ତାବିତ ମେଟ୍ରୋ ରେଳ ପାଇଁ ତତ୍କାଳୀନ ସରକାରରେ ମୂଳଦୁଆ ପଡ଼ିଥିଲା । ଗତବର୍ଷ ଜାନୁଆରୀ ପହିଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଟ୍ରୋ ରେଳ ପାଇଁ ତ୍ରିଶୁଳିଆ ନିକଟ ରତଗଡ଼ର ଲେଙ୍କା ସାହିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପ ପାଇଁ ମୋଟ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଟ୍ରମ୍ପ ଦାଉରେ ସାରା ବିଶ୍ୱ ଦେହେ
ଆସି ଯାଏ ଖାଲି ଜର
ସେଇ ସମୟରେ ଭାରତର ଗତି
ହେଉଅଛି କ୍ଷୀପ୍ରତର
ଚତୁର୍ଥ ସ୍ଥାନ ଅର୍ଥ ବ୍ୟବସ୍ଥାର
ଏବେ ଭାରତରେ ଧନାଧାନ୍ୟ ଦେଖି
ସଭିଙ୍କୁ ଆମେ ଚକ୍କର।

# ଭାରତ ତିଆରି କରୁଛି ଘାତକ କ୍ଷେପଣାସ୍ତ୍ର



**ନୂଆଦିଲ୍ଲୀ, ୨୫।୫**

ଭାରତର ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଏପରି ଅସ୍ତ୍ର ବିକଶିତ କରୁଛି ଯାହା ବିଷୟରେ ଜାଣି ଶତ୍ରୁମାନେ ଆଶ୍ଚର୍ଯ୍ୟ ହୋଇଯିବେ। ଡିଆରଡିଓ ଦ୍ୱାରା ବିକଶିତ ଷ୍ଟାର-ସୁପରସୋନିକ ଟାର୍ଗେଟ ମିସାଇଲ ଏହାର ଶେଷ ପର୍ଯ୍ୟାୟ ଅର୍ଥାତ ପର୍ଯ୍ୟାୟ ୩ ରେ ପହଞ୍ଚିଛି। ଏହି ମିସାଇଲର ସୁପରସୋନିକ ବେଗ ପ୍ରାୟ ମାକ ୨.୫ ଅର୍ଥାତ ଏହା ଶବ୍ଦର ୨.୫ ଗୁଣ ବେଗରେ ଗତି କରିବ।

ଷ୍ଟାର କ୍ଷେପଣାସ୍ତ୍ର ଏକ ସୁପରସୋନିକ ଟାର୍ଗେଟ କ୍ଷେପଣାସ୍ତ୍ର। ଏହି କ୍ଷେପଣାସ୍ତ୍ର ନୌସେନା, ବାୟୁସେନା ଏବଂ ସ୍ଥଳସେନା ପାଇଁ ଅତ୍ୟାବଶ୍ୟକ ପ୍ରମାଣିତ ହୋଇପାରେ। ଏହି କ୍ଷେପଣାସ୍ତ୍ରଟି ଜାହାଜ ବିରୋଧୀ କ୍ଷେପଣାସ୍ତ୍ର ଭଳି ସୁପରସୋନିକ ବେଗରେ ଆସୁଥିବା କ୍ଷେପଣାସ୍ତ୍ରଗୁଡ଼ିକୁ ଚିହ୍ନଟ କରି ଧ୍ୱଂସ କରିବାର କ୍ଷମତା ରଖେ। ଏହା ତରଳ ଇନ୍ଧନ ରାମଜେଟ ଇଞ୍ଜିନ ଉପରେ ଆଧାରିତ। ଏହାର ସୁବିଧା ହେଉଛି ଯେ ଏହି କ୍ଷେପଣାସ୍ତ୍ର ଦୀର୍ଘ ଦୂରତା ଯାତ୍ରା କରିପାରିବ। ଆଗାମୀ ଦିନରେ ଏହା ବ୍ରହ୍ମସର ସ୍ଥାନ ନେବ ବୋଲି କୁହାଯାଉଛି । କାରଣ ଏହା ବ୍ରହ୍ମସ ତୁଳନାରେ ଆହୁରି ଶକ୍ତିଶାଳୀ ଓ ଶତ୍ରୁ ପାଇଁ ଭାରତର ଏକ ଗୁପ୍ତ ଓ ଆଶ୍ଚର୍ଯ୍ୟଜନକ ଅସ୍ତ୍ର ହେବ । ପୁଣି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ ହେଉଥିବାରୁ ଏହାର ମୂଲ୍ୟ ବ୍ରହ୍ମସ ତୁଳନାରେ କମ ରହିବ।

# ଆହୁରି ୭ ଦିନ ଜାରି ରହିପାରେ ବର୍ଷା
## ୨୭ରେ ଲଘୁଚାପ କ୍ଷେତ୍ର ସମ୍ଭାବନା

**ଭୁବନେଶ୍ୱର, ୨୫।୫**
**ନ୍ୟୁଜ୍ ବ୍ୟୁରୋ**

ଦେଶର ଅନେକ ରାଜ୍ୟରେ ବର୍ଷା ଜାରି ରହିଛି । ଏଥିରୁ ଓଡ଼ିଶା ମଧ୍ୟ ବାଦ ପଡ଼ିନାହିଁ। ରାଜ୍ୟରେ ବିଗତ କିଛି ଦିନ ହେଲା କାଳବୈଶାଖୀ ସହିତ ବର୍ଷା ଜାରି ରହିଛି। ଗ୍ରୀଷ୍ମଦିନରେ ନିଦାଘ ଖରା ନାହିଁ । ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଛି । ଏହି ସମୟରେ ଅଧିକାଂଶ ସ୍ଥାନରେ ବର୍ଷା ସହିତ ଝଟ୍‌କା ପବନ ବହିବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି ।



ଶ୍ରୀମତୀ ମହାନ୍ତି କହିଛନ୍ତି, ଶନିବାର କେରଳରେ ମୌସୁମୀ *(ପୃଷ୍ଠା ୭ରେ)*





# କନ୍ଧମାଳ ଜିଲ୍ଲା କୁଇ ସମାଜ ସେବା ସମିତି ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ



**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ କୁଇ ସମାଜ ସେବା ସମିତି ପକ୍ଷରୁ ଜାତିଗତ ପ୍ରମାଣ ପତ୍ରକୁ ନେଇ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ପ୍ରକାରେ, ଖଜୁରୀପଡ଼ା ବ୍ଲକ ଅଞ୍ଚଳର ଜଣେ ଅଣ ଆଦିବାସୀ ସାଙ୍ଗିଆ ପରିବର୍ତ୍ତନ ସହିତ ଜାଲିଆତି କରି କନ୍ଧ ଜାତିଗତ ପ୍ରମାଣପତ୍ର ହାସଲ କରିବା ପାଇଁ ଚେଷ୍ଟା କରୁଥିବାରୁ ଏହି ସୂଚନା କୁଇ ସମାଜ ସେବା ସମିତି ଷଡ଼ମୁଠା ଶାଖା କର୍ମକର୍ତ୍ତାମାନଙ୍କ ଦୃଷ୍ଟିକୁ ଆସିଥିଲା। ଏହାର ବିହିତ ବିଚାର ପାଇଁ ପୂର୍ବରୁ ମେ' ୧୩ ତାରିଖ ଦିନ ତହସିଲଦାର ଶୁଭଶ୍ରୀ ରଥ ଓ ରାଜସ୍ୱ ନିରୀକ୍ଷକ ମାନସ ରଞ୍ଜନ ସାହୁଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହାର ପ୍ରତିବାଦରେ ପୁଣି ଥରେ କୁଇ ସମାଜ ସେବା ସମିତି ଖଜୁରୀପଡ଼ା ବ୍ଲକ ପକ୍ଷରୁ ଦୁତୀ ମେଣ୍ଡିସ୍ଥିତ ଆମ୍ବତୋଟା ଠାରେ ଗୌତମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇ ତହସିଲଦାରଙ୍କୁ କନ୍ଧ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ଜାତିଗତ ପ୍ରମାଣପତ୍ର ପାଇଁ ଆବେଦନ ସମୟରେ ଘୋଷଣା ନାମାପତ୍ରରେ ସରପଞ୍ଚ, ଗ୍ରାମ ସଭ୍ୟ ଦସ୍ତଖତ ସହିତ ଆମର କୁଇ ସମାଜ କର୍ମକର୍ତ୍ତାଙ୍କ ସୁପାରିସ ଦସ୍ତଖତ କ୍ରମେ ଅନୁମୋଦନ କରିବାକୁ ଦାବିପତ୍ର ଦିଆଯାଇଥିଲା। ତହସିଲଦାର ଏହି ବିଷୟରେ ଖଜୁରୀପଡ଼ା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ସୂଚନା ପ୍ରଦାନ କରିବି ବୋଲି ସମାଜ କର୍ମକର୍ତ୍ତାଙ୍କୁ କହିଥିଲେ। ଏଥିରେ ବେଙ୍ଗିକିଆ ଶାଖା ସଭାପତି ଗୌତମ ପ୍ରଧାନ, ସମ୍ପାଦକ ଲଳିତ କୁମାର ମଲିକ, ଷଡ଼ମୁଠା ଶାଖା ସଭାପତି ଭାଗୀରଥି କହଁର, ସହସମ୍ପାଦକ ଗୋକୁଳ ପାତ୍ର, ଉପସଭାପତି ବିଚିତ୍ର ବୀର୍ଯ୍ୟ ପ୍ରଧାନ, ବାର ପଲ୍ଲୀ ଶାଖା ସଭାପତି କୃଷ୍ଣଚନ୍ଦ୍ର କହଁର, ସମ୍ପାଦକ ପଦ୍ମଚରଣ କହଁର, ରତାବାରୀ ଶାଖା ସଭାପତି ପଙ୍କଜ ମଲିକ, ସମ୍ପାଦକ ରାମ ମାଝୀ, ଗୁଆ ହରିଡା ଶାଖା ସଭାପତି ମସ୍ତରାମ ମଲିକ, ସମ୍ପାଦକ ବିଶ୍ୱପତି ମଲିକ, ବରଗୋଛା ଶାଖା ସହସମ୍ପାଦକ ପ୍ରକାଶ ଦେହୁରୀ, କୁଇ ସମାଜ ଯୁବ ପରିଷଦ କନ୍ଧମାଳ ସମ୍ପାଦକ ଅଚ୍ୟୁତ ଯାନୀ, କୁଇ ସମାଜ ଯୁବ ପରିଷଦ ଜିଲ୍ଲା କ୍ରୀଡ଼ା ସଭାପତି ସୁଜିତ୍ କୁମାର ମଲିକ, ଖଜୁରୀପଡ଼ା ବ୍ଲକ କୁଇ ସମାଜ ଯୁବ ପରିଷଦ ଉମେଶ ଝାଙ୍କର, ଖଜୁରୀପଡ଼ା ବ୍ଲକ ଯୁବ ଉପ ସଭାପତି ଅମର ମଲିକ, ବେଙ୍ଗିକିଆ ପୂର୍ବତନ ଉପସଭାପତି ଶରତ କୁମାର କହଁର, ବାକାମେଣ୍ଡି ଉପଶାଖା ସଭାପତି ବନମାଳୀ ପ୍ରଧାନ, ସାବୁମେଣ୍ଡି ଉପଶାଖା ସଭାପତି ଭୁଙ୍ଗରାଜ ମଲିକ, ପୂର୍ଣ୍ଣଚନ୍ଦ୍ର କହଁର, କୁଇ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। କନ୍ଧମାଳ ଜିଲ୍ଲାର ଗୋଷ୍ଠୀପଡା ସମେତ ଅନ୍ୟାନ୍ୟ ଅଞ୍ଚଳରେ ଏହାର କାର୍ଯ୍ୟକାରୀ କରାଯାଉଥିବା ବେଳେ ଖଜୁରୀପଡ଼ା ଓ ପୁଲବାଣୀ ତହସିଲରେ ଏହା କାର୍ଯ୍ୟକାରୀ କରାଯାଉ ନାହିଁ ତେଣୁ ତୁରନ୍ତ କାର୍ଯ୍ୟକାରୀ କରାଯିବା ପାଇଁ ଦାବି କରାଯାଇଛି। ଯଦି ଏହା ୭ ଦିନ ମଧ୍ୟରେ କାର୍ଯ୍ୟକାରୀ କରା ନ ଯାଏ ତେବେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଚତୁର୍ଥ ଗନ୍ଧରାଡି ଲୋକକଳା ମହୋତ୍ସବର ଆୟବ୍ୟୟ ସମୀକ୍ଷା



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଜଗତି ନିକଟସ୍ଥ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଚତୁର୍ଥ ଗନ୍ଧରାଡି ଲୋକକଳା ମହୋତ୍ସବର ଆୟବ୍ୟୟ ସମୀକ୍ଷା ବୈଠକ ମନୋରଞ୍ଜନ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଶମ୍ଭୁ ଗିରି ସ୍ୱାଗତ ଭାଷଣ ଦେବା ସହିତ ମହୋତ୍ସବକୁ ସୁବ୍ୟବସ୍ଥିତ ଭାବରେ ପରିଚାଳନା କରିଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। କୋଷାଧ୍ୟକ୍ଷ ନିରଞ୍ଜନ ଗିରି ଆୟବ୍ୟୟର ବିବରଣୀ ଉପସ୍ଥାପନା କରିଥିଲେ। ତେବେ ପୂର୍ବ ମହୋତ୍ସବର କିଛି ବକେୟା ଥିବାରୁ ତାହା ଶୀଘ୍ର ପୈଠ କରିବା ପାଇଁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଗଲା। ଆଗାମୀ ଦିନରେ ମହୋତ୍ସବ ଆହୁରି କିପରି ଆକର୍ଷଣୀୟ ହେବ ସେଥିପାଇଁ ସଭ୍ୟମାନଙ୍କ ସହଯୋଗ କାମନା କରାଯାଇଥିଲା। ମହୋତ୍ସବ ସ୍ମରଣିକା ପ୍ରକାଶ କରାଯାଇନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। କିନ୍ତୁ ଏ ସମ୍ପର୍କୀୟ ଦୁଇଟି କର୍ମଶାଳା କରାଯାଇଥିବାରୁ ତାହା ଉଚ୍ଚକୋଟୀର ହୋଇଥିବା ପ୍ରକାଶ କରିଥିଲେ। ଗତ ମହୋତ୍ସବ ତୁଳନାରେ ଏଥର ଖର୍ଚ୍ଚକାଟ ହୋଇଥିବାରୁ ସମସ୍ତେ ସନ୍ତୋଷ ପ୍ରକାଶ କରିଥିଲେ। ଶେଷରେ ସହ ସମ୍ପାଦକ ସ୍ୱାଧୀନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଉପ ସଭାପତି ବିଦ୍ୟାଧର ସ୍ୱାଇଁ, ସହ ସମ୍ପାଦକ ରାଜେନ୍ଦ୍ର କୁମାର ମେହେର, କାର୍ଯ୍ୟକାରୀ ସଭ୍ୟ ସପ୍ତେଶ୍ୱର ମହାନ୍ତି,ଅର୍ଥ କମିଟିର ଅଧ୍ୟକ୍ଷ ଗଜେନ୍ଦ୍ର ବାରିକ, ମନୋଜ ଗୁରୁ, ଆଦି ଜେନା, ପ୍ରଭାତ କୁମାର ଶତପଥି, ମୋହନ କୁମାର ସାହୁ, ହୃଦାନନ୍ଦ ସାହୁ, ସଂଜୀବ ମହାକୁଳ, ନୀଳଲୋହିତ ମହାପାତ୍ର, ବସନ୍ତ ସାହୁ, ଗୋପାଳ ଅମାତ ପ୍ରଚାର ପ୍ରସାର କମିଟିର ଅଧ୍ୟକ୍ଷ ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ଆଲୋଚ୍‌ନାରେ ଅଂଶଗ୍ରହଣ କରିଥିଲେ।

# ଦୁର୍ନୀତି ଅଭିଯୋଗ ଆଣିବାରୁ ହତ୍ୟା
# ଗାଁ ସାଥୀଙ୍କ ସମେତ ୫ ଅଭିଯୁକ୍ତ ଗିରଫ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଗାଇସିଲେଟ୍ ଥାନା ଅଧୀନ ସେମେଲଗୁଡ଼ିଆ ଗ୍ରାମରେ ଏକ ଉନ୍ନୟନ କାର୍ଯ୍ୟରେ ହୋଇଥିବା ଦୁର୍ନୀତିରୁ ହତ୍ୟାକାଣ୍ଡ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ହତ୍ୟାକାଣ୍ଡରେ ଗ୍ରାମର କଳାକୁମର ମହାନନ୍ଦ(୫୫)ଙ୍କ ମୃତ୍ୟୁ ହୋଇଛି। ପୋଲିସ ଏହି ଘଟଣାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଗାଁ ସାଥୀ ବିପିନ ମହାନନ୍ଦ(୪୨)ଙ୍କ ସମେତ ଉପେନ୍ଦ୍ର ମହାନନ୍ଦ(୩୮), ସହଦେବ ମହାନନ୍ଦ(୬୫), ମହେଶ ପ୍ରସାଦ ମହାନନ୍ଦ(୩୮) ଓ ପ୍ରସନ୍ନ ମହାନନ୍ଦ(୩୩) ରହିଛନ୍ତି। ସେମାନଙ୍କୁ ପଦ୍ମପୁର କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ପଦ୍ମପୁର ଉପକାରାଗାର ହାଜତକୁ ପଠାଇ ଦିଆଯାଇଛି। ମୃତକଙ୍କ ପୁଅ ପିତାମ୍ବରଙ୍କ ଏଜେହାର କ୍ରମେ ପୋଲିସ ଏ ନେଇ ଏକ ମାମଲା(ନଂ.୮୭/୨୫) ରୁଜୁ କରିଛି।

ମିଳିଥିବା ସୂଚନା ମୁତାବକ, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏ) କାମରେ ଅଭିଯୁକ୍ତ ଗାଁ ସାଥୀ ବିପିନ ଅନିୟମିତତା କରିଥିବା ନେଇ ଅଭିଯୋଗ ହୋଇଥିଲା। ଗତ ମାର୍ଚ୍ଚ ୧୮ ତାରିଖ ଗ୍ରାମବାସୀ ଏଭଳି ଅଭିଯୋଗ ନେଇ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଫେରାଦ ହୋଇଥିଲେ। ଅଭିଯୋଗ ପାଇବା ପରେ ଗତ ୨୦ ତାରିଖ ଏକ ୪ ଜଣିଆ ଟିମ୍ ଏହାର ତଦନ୍ତ ପାଇଁ ଗ୍ରାମକୁ ଆସିଥିଲେ। ତଦନ୍ତ ସମୟରେ ଗ୍ରାମବାସୀ ଗାଁ ସାଥୀ ବିପିନଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହାପରେ ବିପିନ ମୃତକଙ୍କ ପରିବାରକୁ ହତ୍ୟା ଧମକ ଦେଇଥିଲେ। ଗତ ୨୧ତାରିଖ ଗିରଫ ଅଭିଯୁକ୍ତମାନେ କଳାକୁମରଙ୍କ ଘରକୁ ଆସି ପଥରମାଡ଼ କରିବା ସହିତ ଲୁହାରଡ଼ରେ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ କଳାକୁମର ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବଲାଙ୍ଗିର ଡାକ୍ତରଖାନା ଭର୍ତ୍ତି କରାଯାଇଥିଲା। ସେଠାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୨୨ତାରିଖ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଗାଁକୁ ଅଣାଯାଇଥିଲା। ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ଭାରତୀୟ ସେନାଙ୍କୁ ସମ୍ମାନ ଜଣାଇ ବିଶାଳ ତ୍ରିରଙ୍ଗା ବାଇକ୍ ରାଲି

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନକୁ ଭାରତୀୟ ସେନା ଉଚିତ ଜବାବ ଦେଇ ଅପରେସନ ସିନ୍ଦୂରକୁ ଜାରି ରଖିଛନ୍ତି। ଏହି ପରି-ପ୍ରେକ୍ଷୀରେ ଭାରତୀୟ ସୈନାବାହିନୀଙ୍କୁ ସମ୍ମାନ ଜଣାଇ ବିଜେପି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ ଏବଂ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ସହସ୍ରାଧିକ ବିଭିନ୍ନ ବର୍ଗର ଜନସାଧାରଣ ସାମିଲ ହୋଇ କୋମନା ବ୍ଲକ ଛକ ଠାରୁ ଏକ ବିଶାଳ ତ୍ରିରଙ୍ଗା ବାଇକ୍ ଶୋଭା ଯାତ୍ରାରେ ବାହାରି ସଦର ନଗଦେବତା ଛକ ଦେଇ ଆସି ଏକତା ଛକ ଠାରେ ସ୍ୱର୍ଗତ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ନୂଆପଡ଼ା ପୋଲିସ ପଡିଆ ପର୍ଯ୍ୟନ୍ତ ପହଞ୍ଚିଥିଲେ। ଏଥିରେ ରାଜ୍ୟ ଏସସି ମୋର୍ଚ୍ଚା ଉପ ସଭାପତି ମନିଜର ଆର୍ଯ୍ୟ, ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି ଦୃଷ୍ଟି ମାଝି, ଏସି ମୋର୍ଚ୍ଚା ଜିଲ୍ଲା ସମ୍ପାଦକ ଭଗତ ସିଂ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଲୋହିତ ଶବର, ଜାତୀୟ ପରାମର୍ଶଦାତା ସଭ୍ୟ ଚତୁର୍ଭୂଜ ଶର୍ମା, କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଦେଶର ସମ୍ମାନ ଓ ସ୍ୱାଭିମାନ ରକ୍ଷା କରୁଥିବା ସୈନ୍ୟବାହିନୀ ମାନଙ୍କ ସହ ଦେଶର ସମସ୍ତ ଜନତାଙ୍କ ସମର୍ଥନ ରହିଛି।

## ଭାରତୀୟ ସେନାଙ୍କୁ ସମ୍ମାନ ଜଣାଇ କପାଳେଶ୍ୱରରେ ତ୍ରିରଙ୍ଗା ଶୋଭାଯାତ୍ରା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ପହେଲଗାଁଓ ରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତୀୟ ସେନାଙ୍କ ସଫଳ ମୁକାବିଲା ଓ ଅପରେସନ ସିନ୍ଦୁରର ଅପୂର୍ବ ସଫଳତା ପରେ ଭାରତୀୟ ସେନାଙ୍କୁ ସମ୍ମାନ ପ୍ରଦାନ ଓ ସେନାର ମନୋବଳ ବୃଦ୍ଧି ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ସହର ସଂଲଗ୍ନ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ଦକ୍ଷିଣ କାଳୀ ମନ୍ଦିରଠାରୁ ଏହି ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନମାନ ଦେଇ ଗ୍ରାମ ପରିକ୍ରମା କରି ଗରାପୁର ଡାକବଙ୍ଗଳା ଛକରେ ପହଂଚି ଥିଲା। ସେଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶକ୍ତିକେନ୍ଦ୍ର ପ୍ରମୁଖ ପୁରୁଷୋତ୍ତମ ଦାଶଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ବିଧାନସଭା ନେତ୍ରୀ ଗୀତାଞ୍ଜଳି ସେଠୀ, ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତ, ସାଧାରଣ ସମ୍ପାଦକ ଉପିନ କୁମାର ରାଉତ, ମଣ୍ଡଳ ସଭାପତି ବାସୁଦେବ ତ୍ରିପାଠୀଙ୍କ, କେନ୍ଦ୍ରାପଡ଼ା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ସରପଞ୍ଚଙ୍କ ପ୍ରତିନିଧି ତଥା ଯୁବନେତା ଲୋହିତ କୁମାର ମହାନ୍ତି, ଗୁଲନଗର ପାକ୍ସ ସଭାପତି ବିଷ୍ଣୁ ଚରଣ ମହାପାତ୍ର, ସାବିତ୍ରୀ ରାଓ, ସଲମା ବିବି, ଭବାନୀ ରାଓ, ଲିଜା ସାହୁ, ମିନତୀ ସ୍ୱାଇଁ,ପାରୋ ବିବି, ନାସିମା ବିବି, କିରନ ବିବି, ରେଜିଆ ବିବି, ରୁକସାନା ବିବି ପ୍ରମୁଖଙ୍କ ସମେତ ଶତାଧିକ ବୁଦ୍ଧିଜୀବୀ, ଯୁବକ, ମହିଳା ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ।

## ଲମତାପୁଟରେ ବାଦଲ ଫଟା ବର୍ଷା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ବାଦଲ ଫଟା ବର୍ଷା। କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକର ସଦର ମହକୁମା ସହ ଜୟପୁରକୁ ଯୋଗାଯୋଗ କରୁଥିବା ରାସ୍ତାରେ ଦୁଇ ଫୁଟ୍‌ର ପାନି ପ୍ରବାହିତ ହେଉଛି। ପାଣିପାଗର ଆକଳନ ଅନୁଯାୟୀ ଆରବ ସାଗରରେ ସୃଷ୍ଟ ଲଘୁଚାପ ଗଭୀର ଅବପାତ୍‌ରେ ପରିଣତ ହୋଇଛି। ଯାହା ଦ୍ୱାରା କୋରାପୁଟ ଜିଲ୍ଲା ସହ ଆଖପାଖ ଜିଲ୍ଲାରେ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ରହିବ। ଲମତାପୁଟର ସାପ୍ତାହିକ ହାଟ ଥିବାରୁ ଜାତୀୟ ରାଜପଥ ଉପରେ ପାଣି ସୁଅ ପ୍ରବାହିତ ହେଉଥିଲା।

# ବୌଦ୍ଧ ଜିଲ୍ଲାରେ ଯୁକ୍ତ ଦୁଇ ପାସ୍ ହାର ୮୧.୭୫%

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ +୨ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବୌଦ୍ଧ ଜିଲ୍ଲାରେ କଳାରେ ପାସ୍ ହାର ସର୍ବାଧିକ ୮୧.୭୫% ରହିଛି। ଏହି ସ୍ରୋତରେ ସର୍ବାଧିକ ୩୫୪୧ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୮୯୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେଥିରୁ ୬୫୨ଜଣ ୧ମ ଶ୍ରେଣୀ, ୬୫୫ଜଣ ୨ୟ ଶ୍ରେଣୀ ଏବଂ ୧୫୮୮ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ସ୍ରୋତରେ ମୋଟ ୧୩୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୭ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୭୧.୮୫% ରହିଛି। ସେଥିରୁ ୨୫ଜଣ ୧ମ ଶ୍ରେଣୀ, ୩୧ଜଣ ୨ୟ ଶ୍ରେଣୀ, ୩୧ଜଣ ତୃତୀୟ ଶ୍ରେଣୀ ଏବଂ ୧୦ଜଣ କମ୍ପାର୍ଟମେଣ୍ଟାଲରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାଣିଜ୍ୟରେ ମାତ୍ର ୧୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୮୬.୬୬% ରହିଛି। ସମସ୍ତ ପରୀକ୍ଷାର୍ଥୀ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ହୋଇଥିବା ବେଳେ ଜଣେ ୧ମ ଶ୍ରେଣୀରେ, ୩ଜଣ ୨ୟ ଶ୍ରେଣୀ, ୮ଜଣ ୩ୟ ଶ୍ରେଣୀ ଏବଂ ଜଣେ କମ୍ପାର୍ଟମେଟାଲରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ମୋଟ ୭୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୪୭,୯୪% ରହିଛି। ୨ଜଣ ୧ମ ଶ୍ରେଣୀ, ୧୯ଜଣ ୨ୟ ଶ୍ରେଣୀ, ୧୪ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲା ସଦରମହକୁମାରେ ଥିବା ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର +୨ କଳା ସ୍ରୋତରେ ମୋଟ ୨୬୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୭ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୯୧.୧୫% ରହିଛି। ୧୧୬ଜଣ ୧ମ ଶ୍ରେଣୀ, ୩୮ଜଣ ୨ୟ ଶ୍ରେଣୀ, ୮୩ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜୟାପ୍ରଭା ନାୟକ ସର୍ବାଧିକ ୫୨୫ମାର୍କ ରଖିଛନ୍ତି। ବିଜ୍ଞାନ ସ୍ରୋତରେ ୭୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୦ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ ହାର ୭୫% ରହିଛି। ୧୫ଜଣ ୧ମ ଶ୍ରେଣୀ, ୧୯ଜଣ ୨ୟ ଶ୍ରେଣୀ, ୧୬ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅମିତ୍ ନାୟକ ଏବଂ ଅଭିଷେକ ମେହେର ସର୍ବାଧିକ ୪୭୪ମାର୍କ ରଖିଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୨୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍‌ହାର ୬୦.୮୭% ରହିଛି। ୨ଜଣ ୧ମ ଶ୍ରେଣୀ, ୪ଜଣ ୨ୟ ଶ୍ରେଣୀ, ୫ଜଣ ୩ୟ ଶ୍ରେଣୀ ଏବଂ ୩ଜଣ କମ୍ପାର୍ଟମେଟାଲ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କ୍ରିଷ୍ଣା ସା ସର୍ବାଧିକ ୪ଶହ ମାର୍କ ରଖିଛନ୍ତି। ବୌଦ୍ଧ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର କଳା ସ୍ରୋତରେ ୨୩୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟ, ୨୦୭ଜଣ କୃତକାର୍ଯ୍ୟ ହୋଇଛନ୍ତ। ପାସ୍ ହାର ୮୬% ରହିଛି। ୪୮ଜଣ ୧ମଶ୍ରେଣୀ, ୫୦ଜଣ ୨ୟ ଶ୍ରେଣୀ, ୧୦୯ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତୁଳସୀ ପ୍ରଧାନ ସର୍ବାଧିକ ୮୫% ମାର୍କ ରଖିଛନ୍ତି

# କେନ୍ଦୁଝର ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ 'ଓସ୍ୱାସ' କାର୍ଯ୍ୟକାରିତା ନେଇ ପ୍ରଶିକ୍ଷଣ



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାର ସରକାରୀ କାର୍ଯ୍ୟଗୁଡ଼ିକକୁ ଅଧିକ ଗତିଶୀଳ କରିବା ନିମନ୍ତେ ପାଇଲଟ ପ୍ରୋଜେକ୍ଟ ଭାବେ 'ଓସ୍ୱାସ'ର (ଓଡ଼ିଶା ଷ୍ଟେଟ ୱାର୍କଫ୍ଲୋ ଅଟୋମେସନ ସିଷ୍ଟମ) ସଫଳ କାର୍ଯ୍ୟକାରିତା ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ତିନି ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଓକାକ୍ (ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର) ଦ୍ୱାରା ନିଯୁକ୍ତ ବୈଷୟିକ ପରାମର୍ଶଦାତା ମାନେ ସମାନ୍ତରାଳ ଭାବେ କେନ୍ଦୁଝର, ଆନନ୍ଦପୁର ଓ ଚମ୍ପୁଆଠାରେ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଓସ୍ୱାସ ବ୍ୟବହାର କରିବାର କୌଶଳ ଶିଖାଇଥିଲେ। ନଥିପତ୍ର କାର୍ଯ୍ୟ ତ୍ୱରିତ ଭାବେ ସମ୍ପାଦିତ କରିବା ଦ୍ୱାରା ଲୋକଙ୍କ ବିଭିନ୍ନ କାର୍ଯ୍ୟ ଖୁବ୍‌ଶୀଘ୍ର ହୋଇପାରିବ। ଏନେଇ ଜିଲ୍ଲାପାଳ ବିଶାଳ ସିଂହ ସମୟ ସହିତ ତାଳ ଦେଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିଷ୍ଠାର ସହିତ ଓସ୍ୱାସକୁ ସଫଳ ଭାବେ କାର୍ଯ୍ୟକାରୀ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ସୂଚନାଯୋଗ୍ୟ କେନ୍ଦୁଝର ଜିଲ୍ଲାକୁ ଓସ୍ୱାସ୍ ସଂଯୋଗିକରଣ ନିମନ୍ତେ ପାଇଲଟ୍ ପ୍ରୋଜେକ୍ଟରେ ଅନ୍ତର୍ଭୁକ୍ତ କରାଯାଇଅଛି। ଜିଲ୍ଲାର ସରକାରୀ କାର୍ଯ୍ୟାଳୟ ଗୁଡିକର ଓସ୍ୱାସ୍ ଭିତ୍ତିଭୂମି ଯଥା କମ୍ପ୍ୟୁଟର, ପ୍ରିଣ୍ଟର, ଅପରେଟର, ଇଣ୍ଟରନେଟ ସେବା ଉପଲବ୍ଧ ଆଦି କାର୍ଯ୍ୟଗୁଡ଼ିକ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରାଯାଇଛି। ନଥିପତ୍ର କାର୍ଯ୍ୟ ସଠିକ୍ ଢଙ୍ଗରେ, ସ୍ୱଚ୍ଛ, ସୁରକ୍ଷିତ ଏବଂ ନିର୍ଭୁଲ ଭାବେ ସ୍ୱଳ୍ପ ସମୟରେ କାର୍ଯ୍ୟକାରୀ କରିବା ଏହି ପାଇଲଟ୍ ପ୍ରୋଜେକ୍ଟର ମୂଳ ଲକ୍ଷ୍ୟ ବୋଲି ଜଣାପଡିଛି।

# ୨୮ ବର୍ଷ ପରେ ବି ମିଳୁନି ଜମିପଟ୍ଟା, ଘରଡ଼ିହ

**ଭବାନୀପାଟଣା, ନ୍ୟୁଜ୍‌ବ୍ୟୁରୋ**



ସରକାର ଗରିବ ଆଦିବାସୀ ମାନଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା କରିଛନ୍ତି। ହେଲେ ସେହି ଯୋଜନା ଅଦ୍ୟାବଧି ସେମାନଙ୍କ ପାଖରେ ଅପହଞ୍ଚ ହୋଇରହିଛି। ତିନି ଦଶନ୍ଧି ଧରି ବସବାସ ପରେ ମଧ୍ୟ ସେମାନଙ୍କୁ ଜମିପଟ୍ଟା କିମ୍ବା ଘରଡ଼ିହ ମିଳିପାରି ନାହିଁ। ସବୁଦିନିଆ ରାସ୍ତା ଗ୍ରାମବାସୀଙ୍କ ପାଇଁ ଦିବାସ୍ୱପ୍ନ ପାଲଟିଛି। ଏଭଳି ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଦୁର୍ଗମ ଅଞ୍ଚଳ ବୁଢ଼ୀଦର ପଞ୍ଚାୟତର ପାହାଡ଼ ଉପରେ ଥିବା ବେହେରାଗୁଡ଼ା ଗ୍ରାମରେ।

ଏହି ଗ୍ରାମରେ ୧୫ ଆଦିବାସୀ ପରିବାର ବହୁବର୍ଷ ପୂର୍ବେ ବାଙ୍କପଲାସ ପଞ୍ଚାୟତ ଅନ୍ତର୍ଗତ ସାନଟିକ୍ରାଗୁଡ଼ା ତରାଯୋର ଗ୍ରାମକୁ ଆସି ବସବାସ କଲେ। ସେଠାରେ ପ୍ରାୟ ୧୩ ବର୍ଷ ବସବାସ କଲା ପରେ ବନ ବିଭାଗ ପକ୍ଷରୁ ଏହି ୧୫ ଆଦିବାସୀ ପରିବାରକୁ ଉଠାଇ ଦେଇ ରତନପଲା ଗ୍ରାମ ନିକଟ ଭାଲୁଚୁଆଁଠାରେ ଥିବା ସରକାରୀ ଜମିରେ ବସବାସ କରିବାକୁ କୁହାଗଲା। ଫଳରେ ସେହି ଦିନଠାରୁ ଏହି ଆଦିବାସୀମାନେ ଭାଲୁଚୁଆଁଠାରେ ଦୀର୍ଘ ୨୮ ବର୍ଷ ହେଲା ବସବାସ କରିଆସୁଛନ୍ତି। ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ରାଜ୍ୟ ସରକାର ତୁରନ୍ତ ପଟ୍ଟା ପ୍ରଦାନ କରିବା ପାଇଁ କହୁଥିବା ବେଳେ ପ୍ରଶାସନ ପକ୍ଷରୁ ଏମାନଙ୍କୁ ଅଣଦେଖା କରାଯାଉଛି। ଫଳରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ନିରୀହ ଆଦିବାସୀ। ଆଉ କେତେବର୍ଷ ରହିବା ପରେ ସେମାନଙ୍କୁ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି ଆଦିବାସୀମାନେ ପ୍ରଶ୍ନ କରିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ଆମକୁ ଆମ ଜାଗାର ପଟ୍ଟା ପ୍ରଦାନ କରନ୍ତୁ ବୋଲି ଗ୍ରାମର ରଜନୀ ମାଝୀ, କ୍ରିଷ୍ଣା ମାଝୀ, ସାନୁ ମାଝୀ, ସାଏବନୀ ମାଝୀ ପ୍ରମୁଖ ପ୍ରକାଶ କରିଛନ୍ତି।


## ପୋତିହୋଇଛି ଡ୍ରେନ୍ : ରାସ୍ତାରେ ଜମୁଛି ମଇଳାପାଣି



**ରିଷିଡ଼ା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ପଞ୍ଚାୟତର ରାମମନ୍ଦିର ଛକଠାରୁ ମିଲନ ଛକ କନ୍ଧପଡ଼ା କନାରପଡ଼ା ପର୍ଯ୍ୟନ୍ତ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। କେତେକ ସ୍ଥାନରେ ଡ୍ରେନ୍ ସଫା ହେଉ ନ ଥିବାବେଳେ ଆଉ କେଉଁଠି ଅନାବନା ଗଛ ଉଠି ଦୀଘଦିନରୁ ପୋତିହୋଇ ରହିଛି। ଫଳରେ ଅଦିନିଆ ବର୍ଷାରେ ଡ୍ରେନ୍‌ରେ ପାଣି ଯାଇ ନ ପାରି ରାସ୍ତାରେ ଚାଲୁଛି। ବର୍ଷା ଛାଡ଼ିଯିବା ପରେ ରାସ୍ତାରେ କୁଢ଼କୁଢ଼ ଅଳିଆ ଆବର୍ଜନା ଗଦା ହୋଇରହୁଛି। ଏହି ରାସ୍ତା ଦେଇ କଟକ, ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲା ମୁଖ୍ୟାଳୟକୁ ହାଇଟେକ୍ ବସ୍ ଚଳାଚଳ କରୁଛି। କିନ୍ତୁ ରାସ୍ତାରେ ପାଣି ଲହଡି ମାରୁଥିବାବେଳେ ବସ୍ ଯାତାୟାତ ବିପଦପୂର୍ଣ୍ଣ ରହୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବର୍ଷା ଜାରି ରହିବା ସମୟରେ ଲୋକଙ୍କ ଘରକୁ ଆବର୍ଜନା ପାଣି ପଶୁଥିବା ଦେଖାଯାଉଛି। ପୁଣି ରାସ୍ତାରେ ଅଳିଆ ଆବର୍ଜନା ପଡ଼ି ମଶାମାଛିଙ୍କ ପ୍ରାଦୁର୍ଭାବ ବଢ଼ିବା ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବରାଜ ରଣାଙ୍କୁ ପଚାରିବାରୁ ଏହି ସମସ୍ୟା ସମାଧାନ ନେଇ ଯୋଜନା ରହିଛି ଓ ଖୁବ୍‌ଶୀଘ୍ର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ।

## ଅପରେସନ୍ ସିନ୍ଦୁର ପରାକ୍ରମ ଓ ତ୍ରିରଙ୍ଗା ଶୋଭାଯାତ୍ରା



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଏନଏସି ଅନ୍ତର୍ଗତ ୧୫ ନଂ ୱାର୍ଡ ଖଲିଆ ବଗିଚା ହନୁମାନ ମନ୍ଦିର ଠାରୁ ଅପରେସନ୍ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋଭାଯାତ୍ରା ବସ୍‌ଷ୍ଟାଣ୍ଡ, ବାବୁସାହି, ଖଲିଆବଗିଚା, ଏନଏସି ଛକ ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ବିଜେପିର ବୌଦ୍ଧ ନଗର ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ପୂର୍ବତନ ବୌଦ୍ଧ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ନାଏକ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ମନୋରଞ୍ଜନ ଦାଶ, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ମୀନାରାଣୀ ମିଶ୍ର, ବରିଷ୍ଠ ବିଜେପି ନେତ୍ରୀ ନମିତା ରାଣୀ ଦାଶ, ବରିଷ୍ଠ ବିଜେପି ନେତା ସୌମିତ୍ରୀ କୁମାର ନାଏକ, ଚିତ୍ତ ରଞ୍ଜନ ପାଣିଗ୍ରାହୀ, ବହୁ ସଂଖ୍ୟାରେ ଜନସାଧାରଣ ଓ ମହିଳାମାନେ ସାମିଲ୍ ହୋଇଥିଲେ। ଅପରେସନ୍ ସିନ୍ଦୂରର ସଫଳତା ପରେ ଭାରତୀୟ ସେନାବାହିନୀର ପରାକ୍ରମକୁ ସମ୍ମାନ ଜଣାଇ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଶୁକ୍ରବାର ବାପୁଜୀନଗରର ଦୁଇଟି ୱାର୍ଡ ବୁଲି ଏହି ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ଦେଶବନ୍ଦନା ସହ ଡିଜେ ବାଜା ବଜାଇ ବୀର ଯବାନଙ୍କୁ ସମ୍ମାନ ଜଣାଯାଇଥିବାବେଳେ ନିଜ ଜୀବନକୁ ବାଜିଲଗାଇ ଆମ ଦେଶକୁ ଶତ୍ରୁ କବଳରୁ ରକ୍ଷା କରୁଥିବା ଯବାନଙ୍କ ମନୋବଳକୁ ଦୃଢ କରିବା ଏହି ଶୋଭାଯାତ୍ରାର ମୂଳଲକ୍ଷ୍ୟ ଥିଲା। ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଦେଶଭକ୍ତ, ଅବସରପ୍ରାପ୍ତ ସେନା କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

## ବିଜୁଳି ଆଘାତରେ ବ୍ୟବସାୟୀ ମୃତ, ଜଣେ ଗୁରୁତର

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମରା ଅଞ୍ଚଳରେ ଜଣେ ମାଛ ଜାଆଁଳ ବ୍ୟବସାୟୀ ବିଜୁଳି ଆଘାତରେ ମୃତ୍ୟୁ ବରଣ କରିଥିବା ଜଣା ଯାଇଛି। ପ୍ରାପ୍ତ ଖବର ଅନୁଯାୟୀ ଅପରାହ୍ନ ୧୨ଟା ସମୟରେ ଜଣେ ମାଛ ଜାଆଁଳ ବ୍ୟବସାୟୀ ନିଜର ସହଯୋଗୀ ସହ ବୁଲି ବୁଲି ମାଛ ଜାଆଁଳ ବ୍ୟବସାୟ କରୁଥିବା ବେଳେ ରାସ୍ତା ଉପରେ ବିଜୁଳି ଆଘାତ ହୋଇଥିଲା। ସଂପୃକ୍ତ ବ୍ୟକ୍ତି ଜଣକ ରାସ୍ତା ଉପରେ ପଡିଯାଇ ଥିଲେ। ସଙ୍ଗେ ସଙ୍ଗେ ନିକଟସ୍ଥ ଗ୍ରାମବାସୀ ଏକ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଧାମରା ମେଡିକାଲ ଏବଂ ପରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେଇଥିଲେ। ମାତ୍ର ଡାକ୍ତର ମୃତ ଘୋଷଣା କରିଥିବା ବେଳେ ତାଙ୍କର ସହଯୋଗୀ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ମୃତ ଏବଂ ଆଘାତ ପାଇଥିବା ବ୍ୟକ୍ତି ବିଶେଷଙ୍କର ପ୍ରକୃତ ଠିକଣା ମିଳିପାରି ନାହିଁ।

# ବଦଳିବ ଲାଲସିଂ ନର୍ସରୀ ଠିକଣା : ୧୦୩ ବର୍ଷ ପରେ ଡିଏଫ୍‌ଓ କାର୍ଯ୍ୟାଳୟ ପରିବର୍ତ୍ତନ ଯୋଜନା

**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**

ବ୍ରିଟିଶ ଶାସକମାନେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର (ଘୁମୁସର)କୁ ଶାସନ କରିବାକୁ ଆସିବା ପରେ ଏଠାରେ ଶିକ୍ଷା, ଜଳସେଚନ, ଗମନାଗମନ, ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ୧୮୮୪ ପୂର୍ବରୁ ପଦକ୍ଷେପ ନେଇଥିବାର ପ୍ରମାଣ ଅଛି। ତେଣୁ ଭଞ୍ଜନଗର ଲୋହରାଖଣ୍ଡି ସେତୁ, ଭଞ୍ଜନଗର (ରସଲକୋଣ୍ଡା) ଜଳଭଣ୍ଡାର, ଭଞ୍ଜନଗର ମେଡିକାଲ, ଭଞ୍ଜନଗର ସତନ୍ତ୍ର ଉପକାରାଗାର ୧୮୮୪ରେ ନିର୍ମାଣ ହୋଇଥିଲା। ଏଥିସହ ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ସମେତ ଅନେକ ବିଦ୍ୟାଳୟ ସେ ସମୟ ପୂର୍ବରୁ ହୋଇଥିଲା।

ଏଥିସହ ଘୁମୁସର ଜଙ୍ଗଲର ସୁରକ୍ଷା ପାଇଁ ମଧ୍ୟ ପଦକ୍ଷେପ ନେଇଥିଲେ। ତେଣୁ ସେମାନେ ୧୯୦୪ରେ ବାଲିଙ୍କିଆ ପାହାଡ଼ ଉପରେ ଏକ କାଚ ଘର ନିର୍ମାଣ କରିଥିଲେ। ସେଠାରେ ବ୍ରିଟିଶ ଶାସକମାନେ ରହି ମନୋରଞ୍ଜନ କରିବା ସହ ଜଙ୍ଗଲ କର୍ମଚାରୀମାନେ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ରହୁଥିଲେ। ବର୍ତ୍ତମାନ ଉକ୍ତ କାଚଘର ଭଗ୍ନ ଅବସ୍ଥାରେ ଥିବା ବେଳେ ସେଠାକୁ ଯିବାକୁ ଗମନାଗମନ ସୁବିଧା ମଧ୍ୟ ନାହିଁ। ଯେହେତୁ ଉକ୍ତ ପାହାଡ଼ର ଚତୁଃପାର୍ଶ୍ୱ ଘଞ୍ଚ ଜଙ୍ଗଲ ଘେରି ରହିଛି। ଏହାପରେ ବ୍ରିଟିଶ ଶାସକମାନେ ୧୯୧୩ରେ ରମ୍ଭା ଡାକବଙ୍ଗଳା କରିଥିଲେ। ଉକ୍ତ ଅଞ୍ଚଳଗୁଡ଼ିକ ମୁଜାଗଡ଼ ରେଞ୍ଜ ଅଧୀନରେ ଆସୁଥିଲା।




୧୯୧୫ରେ ମୁଜାଗଡ଼ ରେଞ୍ଜ ଗଠନ ହୋଇଥିବା ବେଳେ ତାହାର କୋଠା ୧୯୨୫ରେ ନିର୍ମାଣ ହୋଇଥିଲା। ତାହା ପୂର୍ବରୁ ୧୯୨୨ରେ ଘୁମୁସର ଉତ୍ତର ବନଖଣ୍ଡ ପ୍ରତିଷ୍ଠା ହୋଇଥିଲା। ୧୮୫୬ ବର୍ଗଫୁଟରେ ଡିଏଫ୍‌ଓ କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା। ଉକ୍ତ କାର୍ଯ୍ୟାଳୟକୁ ବର୍ତ୍ତମାନ ୧୦୩ ବର୍ଷ ପୂରିଛି। କୋଠାର କେତେକ ଅଂଶ ବର୍ତ୍ତମାନ ଦୁର୍ବଳ ଅଛି। ଅନ୍ୟପଟେ ବର୍ତ୍ତମାନ କର୍ମଚାରୀ ଏବଂ ଅଫିସର ବୃଦ୍ଧି ଘଟିଛି। ସମସ୍ତ ଅଫିସର ଏବଂ କର୍ମଚାରୀ ବସିବା ପାଇଁ ଉପଯୁକ୍ତ ସ୍ଥାନ ଅଭାବ ଦେଖାଦେଇଛି। ତେଣୁ ଆଉ ଗୋଟିଏ ନୂତନ କାର୍ଯ୍ୟାଳୟ ବର୍ତ୍ତମାନ ଆବଶ୍ୟକ ରହିଛି। ଏନେଇ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଜାଣିବା ପରେ ନୂତନ କୋଠା ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନୂତନ କୋଠା ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେଣୁ କଲେଜ ରୋଡ୍ ଲାଲସିଂ ସ୍ଥାୟୀ ନର୍ସରୀ ପରିସରରେ ନୂତନ ଡିଏଫ୍‌ଓ କାର୍ଯ୍ୟାଳୟ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ତେଣୁ ବନ ବିଭାଗ ପକ୍ଷରୁ କାର୍ଯ୍ୟାଳୟର ନକ୍ସା ପ୍ରସ୍ତୁତ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇଁ ପଠାଇବାକୁ ପ୍ରସ୍ତୁତି ଚାଲିଛି। ନକ୍ସା ଅନୁମୋଦନ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ। ନର୍ସରୀରେ ଡିଏଫ୍‌ଓ କାର୍ଯ୍ୟାଳୟ ନିର୍ମାଣ ହେଲେ ତାହାର ଠିକଣା ବଦଳିବ। ପ୍ରାୟ ୧୮ ହଜାର ବର୍ଗଫୁଟ ମଧ୍ୟରେ ଦୁଇ ମହଲା କୋଠା ନିର୍ମାଣ ହେବ। ଏ ବାବଦରେ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ଅନୁମାନ କରାଯାଉଛି। ଏହିଭଳି ଭଞ୍ଜନଗର ସହରରେ ବ୍ରିଟିଶ ଶାସନ ସମୟରେ ନିର୍ମାଣ ହୋଇଥିବା ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ କୋଠାକୁ ଭାଙ୍ଗି ନୂତନ କୋଠା ନିର୍ମାଣ ଆବଶ୍ୟକ ରହିଛି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ମଇ ୨୦୨୫ ସୋମବାର




## ଦୁର୍ବଳ ଟଙ୍କାକୁ ସଜାଡ଼ିବାକୁ ପ୍ରୟାସ

# ଆରବିଆଇର ବିଦେଶୀ ମୁଦ୍ରା ବିକିବାରେ ରେକର୍ଡ




**ମୁମ୍ବାଇ :** ୨୦୨୪-୨୫ ଆର୍ଥିକବର୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୩୯୮.୭୧ ବିଲିୟନ ଡଲାରର ବିଦେଶୀ ମୁଦ୍ରା ବିକ୍ରି କରିଛି । ଅସ୍ଥିର ବିଶ୍ୱ ଅର୍ଥନୈତିକ ମାହୋଲ ମଧ୍ୟରେ ଦୁର୍ବଳ ଟଙ୍କାକୁ ସଜାଡ଼ିବା ପାଇଁ ଆରବିଆଇ ଏ ନିଷ୍ପତ୍ତି ନେଇଛି ।

୨୦୨୩-୨୪ରେ ଆରବିଆଇ ୧୫୩.୦୩ ବିଲିୟନ ଡଲାରର ବିଦେଶୀ ମୁଦ୍ରା ବିକ୍ରି କରିଥିଲା। ୨୦୨୨-୨୩ରେ ଏହା ୨୧୨.୫୭ ବିଲିୟନ ଡଲାର ଥିଲା । ଏହାସହିତ ଆରବିଆଇ ମଧ୍ୟ ଗତବର୍ଷ ବଡ଼ ଆକାରରେ ବିଦେଶୀ ମୁଦ୍ରା କିଣିଛି । ବିଦେଶୀ ମୁଦ୍ରା ବିକ୍ରି କରିବାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଟଙ୍କାକୁ ସଜାଡ଼ିବା । ଗତ କିଛି ବର୍ଷ ଧରି ସ୍ଥିର ରହିବା ପରେ ୨୦୨୪-୨୫ ଦ୍ୱିତୀୟାର୍ଦ୍ଧରେ ଏହା ଦୁର୍ବଳ ହେବା ଆରମ୍ଭ କରିଛି ।


## ଗର୍ଭରୁ ଗ୍ରାସୁଛି ହେପାଟାଇଟିସ୍

# ୨ବର୍ଷରେ ୧୧୪୭ ନବଜାତ ମାରାତ୍ମକ ରୋଗରେ ଆକ୍ରାନ୍ତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନବଜାତଙ୍କୁ ଗ୍ରାସୁଛି ବିପଜ୍ଜନକ ହେପାଟାଇଟିସ ରୋଗ । ମା' ଗର୍ଭରୁ ଜନ୍ମ ନେଉ ନେଉ ଶରୀରରେ ରହୁଛି ହେପାଟାଇଟିସ-ବି ଭୂତାଣୁ । ଏହାକୁ ନେଇ ଅଭିଭାବକଙ୍କ ଚିନ୍ତା ବଢ଼ିବାରେ ଲାଗିଛି । ଗତ ଦୁଇବର୍ଷରେ ରାଜ୍ୟରେ ମୋଟ ୧୧୪୭ଜଣ ନବଜାତ ଏହି ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇଛନ୍ତି ।

କେବଳ ଶିଶୁ ନୁହନ୍ତି, ମହିଳା ଯୌନକର୍ମୀ, ସମଲିଙ୍ଗୀ, କଏଦୀ, ଡ୍ରଗ୍ସ ଖାଉଥିବା ବ୍ୟକ୍ତିଙ୍କୁ ହେପାଟାଇଟିସ-ବି ଓ ସି ହେବା ଅଧିକ ଆଶଙ୍କା ରହିଛି । ତେଣୁ ଏହି ବର୍ଗର ଲୋକେ ଅଧିକ ସଚେତନ ହେବା ଦରକାର । ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁସାରେ, ୨୦୨୩ରେ ୮୧୭ଜଣ ବ୍ୟକ୍ତି ହେପାଟାଇଟିସ-ବି ଏବଂ ୧୯୧ଜଣ ହେପାଟାଇଟିସ-ସିରେ ଆକ୍ରାନ୍ତ ହୋଇଥିଲେ । ହେଲେ ୨୦୨୪ରେ ଏହି ସଂଖ୍ୟା ଆଶ୍ଚର୍ଯ୍ୟଜନକ ଭାବରେ ବୃଦ୍ଧି ପାଇଛି । ଗତବର୍ଷ ୬୮୩ଜଣ ବ୍ୟକ୍ତି ହେପାଟାଇଟିସ-ବି ଏବଂ ୨୯୮ଜଣ ହେପାଟାଇଟିସ-ସିରେ ଆକ୍ରାନ୍ତ ହୋଇଛନ୍ତି । ସେହିପରି



୧୫୨୨ଜଣ ଗର୍ଭବତୀ ମହିଳାଙ୍କ ଶରୀରରେ ମଧ୍ୟ ହେପାଟାଇଟିସ-ବି ଚିହ୍ନଟ ହୋଇଛି । ୨୦୨୩ରେ ୪୫୪ ଓ ୨୦୨୪ରେ ୬୯୩ଜଣ ନବଜାତ ହେପାଟାଇଟିସ-ବିରେ ପୀଡ଼ିତ ହୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି । ତେବେ ହେପାଟାଇଟିସ ଯୋଗୁ କାହାରି ମୃତ୍ୟୁ ଘଟିଥିବା ଜଣାପଡ଼ିନି । ହେପାଟାଇଟିସ ରୋଗ ସିଧାସଳଖ ଯକୃତକୁ ଆକ୍ରାନ୍ତ କରେ । ଫଳରେ ଯକୃତ ପୋଡ଼ାଜଳା ହୁଏ । ଯଦି ପ୍ରାରମ୍ଭରୁ ଏହାର ଚିକିତ୍ସା ନକରାଯିବ ତେବେ ଜୀବନସାରା ଔଷଧ ଖାଇବାକୁ ପଡ଼େ । ନଚେତ୍ ଯକୃତ ନଷ୍ଟ ହୋଇଯାଏ । ଏହା ଏକ ସଂକ୍ରାମକ ରୋଗ ହୋଇଥିବାରୁ ରୋଗୀଙ୍କଠାରୁ ଦୂରେଇ ରହିବା ଆବଶ୍ୟକ ।

ହେପାଟାଇଟିସ-ବି ରୋଗ ଆରମ୍ଭରୁ ଚିକିତ୍ସା ଦ୍ୱାରା ଭଲ ହୋଇପାରିବ । ହେଲେ ହେପାଟାଇଟିସସିର ଚିକିତ୍ସା ନଥିବା ବେଳେ ଟିକାକରଣ ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯିବ । ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁସାରେ, ହେପାଟାଇଟିସ୍-ବିରେ ଆକ୍ରାନ୍ତ ଶିଶୁଙ୍କୁ ହେପାଟାଇଟ୍ସ-ବି ଇମିନ୍ୟୁ ଗ୍ଲୋବଲିନ୍ ଟିକା ଦିଆଯାଉଛି । ରାଜ୍ୟରେ ହେପାଟାଇଟିସ ଦୂରୀକରଣ ପାଇଁ ୨୦୧୮ରେ ଜାତୀୟ ସଂକ୍ରମଣ ହେପାଟାଇଟିସ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଯୌନକର୍ମୀ, ସମଲିଙ୍ଗୀ, ଶିଶୁ, ଗର୍ଭବତୀଙ୍କ ସ୍କ୍ରିନିଂ କରାଯାଉଛି । ଯଦି କେହି ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି ତେବେ ସେମାନଙ୍କୁ ସରକାରୀସ୍ତରରେ ଦେୟମୁକ୍ତ ପ୍ରତିଷେଧକ ଟିକା ଦିଆଯାଉଛି।

## ଯୁକ୍ତ ଦୁଇ ନାମଲେଖା ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯୁକ୍ତ ଦୁଇ ନାମଲେଖା ଆରମ୍ଭ ହୋଇଛି। ଚଳିତ ଶିକ୍ଷାବର୍ଷ ପାଇଁ ଯୁକ୍ତ ଦୁଇ ନାମଲେଖା ଆବେଦନ ଆରମ୍ଭ ହୋଇଛି। ଏହି ନାମଲେଖା ଆବେଦନ ଜୁନ ୩୦ ପର୍ଯ୍ୟନ୍ତ ଚାଲିବ।

ସାମ୍ସ ପୋର୍ଟାଲ ଜରିଆରେ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ । www.samsodisha.gov.inରେ ଆବେଦନ କରିପାରିବେ ଛାତ୍ରଛାତ୍ରୀ। ଜୁଲାଇ ୭ରେ ବାହାରିବ ପ୍ରଥମ ମେରିଟ୍ ଲିଷ୍ଟ। ଜୁଲାଇ ୮ରୁ ୧୪ ତାରିଖ ଯାଏଁ ହେବ ଆଡମିଶନ୍ । ଏହାପରେ ଜୁଲାଇ ୨୪ ତାରିଖରୁ ଆରମ୍ଭ ହେବ ପାଠପଢ଼ା।

# ମେସିନ୍ ଦ୍ୱାରା ଚାଲିଥିବା ମନରେଗା କାମକୁ ବନ୍ଦ କଲେ ପଞ୍ଚାୟତିରାଜ ମନ୍ତ୍ରୀ

## ମେସିନ ଜବତ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ ଅବସରରେ ସର୍କିଟ ହାଉସ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାରେ ଚାଲିଥିବା ମନରେଗା କାମ ମେସିନ୍ ଦ୍ୱାରା କରାଯାଉଥିବା ଅଭିଯୋଗ ସତ୍ତ୍ୱେ ମଧ୍ୟ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଓ ନୂଆଁ ସରକାରଙ୍କ ଗୋଟେ ବର୍ଷ ପରେ ବି ବ୍ୟୁରୋକ୍ରେଟ ଶାସନ ଯାଇ ନ ଥିବା ବିଷୟ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣି ପ୍ରମାଣ ସ୍ୱରୂପ ତତ୍‌ସଂପର୍କିତ କିଛି ଭିଡିଓ ଫୁଟେଜ୍ ମଧ୍ୟ ଦେଇଥିଲେ। ମନ୍ତ୍ରୀ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣର ପ୍ରତିଶ୍ରୁତି ଦେବା ଅଧଘଣ୍ଟା ମଧ୍ୟରେ ସେ ଜିଲ୍ଲାର



ବିନିକା ବ୍ଲକ ଅଞ୍ଚଳ ଗସ୍ତରେ ଗଲାବେଳେ ସେଲେଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତୁଲୁଣ୍ଡୁପାଲି ରାସ୍ତା ପାର୍ଶ୍ୱରେ ହିଁ ମନରେଗା ଯୋଜନାରେ ଏକ ବନ୍ଧ କାମରେ ପୋକଲିନ୍ ମେସିନ୍ ବ୍ୟବହାର ଚାଲିଥିବା ଦେଖି ସେ ଯାଗାରେ ଗାଡ଼ି ଅଟକାଇ ପହଞ୍ଚି ଥିଲେ ମନ୍ତ୍ରୀ । ତାଙ୍କ ସାଙ୍ଗରେ ଉପସ୍ଥିତ ଥିବା ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ପ୍ରକାଶଯୋଗ୍ୟ ଯେ ଉକ୍ତ କାମଟି ଗୁଆ ସାଗର ବନ୍ଧରୁ କେନାଲ ରାସ୍ତା ପାଇଁ ମାଟି ଉଠାଇବା ପାଇଁ ୫ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇ କାର୍ଯ୍ୟନିର୍ବାହୀ ସଂସ୍ଥା ଭାବରେ ସେଲେଡି ଗ୍ରାମ ପଞ୍ଚାୟତ ଉକ୍ତ କାମ ତୁଲାଉଥିଲେ ହେଲେ ଆଶ୍ଚର୍ଯ୍ୟ ଜନକ ଭାବରେ କାର୍ଯ୍ୟ ଫଳରେ ଚଞ୍ଚକତା ପୂର୍ବକ କାର୍ଯ୍ୟ ଆରମ୍ଭ ଓ ଶେଷ ଅବା ଅଣକୁଶଳୀ ଶ୍ରମିକଙ୍କ ଅଂଶ, ମଜୁରୀ କିମ୍ବା ଶ୍ରମ ଦିବସର କିଛି ଉଲ୍ଲେଖ କରିନଥିଲେ। କେନ୍ଦ୍ର ସରକାରଙ୍କ ଏହି ଲୋକପ୍ରିୟ ଯୋଜନାର ସ୍ୱଚ୍ଛତା ପାଇଁ ବିଭାଗୀୟ ଅଧିକାରୀଙ୍କ ହାତରେ ଉକ୍ତ କାମସବୁ ନ୍ୟସ୍ତ ଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୁର୍ନୀତି ଖୋର ମନବୃତ୍ତି ଓ ମନ ମାନି ଯୋଗୁଁ ଶ୍ରମିକମାନେ ଶହେ ଦିନର କାମ ନପାଇ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। ଲୋକଙ୍କ ସାମ୍ବାଦିକଙ୍କ ଅଭିଯୋଗ ପରେ ଆକ୍ସନ ମୋଡ଼ ରେ ରହିଲେ ଓ ଗାଁ ପଖୋରୀ ରେ ପହଞ୍ଚିଲେ ଜିଲ୍ଲା ପ୍ରଭାରୀ ତଥା ମନ୍ତ୍ରୀ ରବି ନାରାୟଣ। ତାଙ୍କ କଥା ସରଳ ଓ କାମ ଟାଣ ବୋଲି ଏବେ ସବୁଠି ଚର୍ଚ୍ଚା ହେଉଛି।

## ଯୁକ୍ତ୨ ପରିକ୍ଷାରେ କେନ୍ଦ୍ରାପଡା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ କେନ୍ଦ୍ରାପଡା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଭୁତପୂର୍ବ ସଫଳତା ହାସଲ କରିଛି। ୭ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି କଲେଜ ପାଇଁ ତଥା ଜିଲ୍ଲା ପାଇଁ ସୁନାମ ଅର୍ଜନ କରିଛନ୍ତି। ଅମରନାଥ ଶତପଥୀ ୬୦୦ରୁ ୫୬୪ ମାର୍କ ରଖି ଜିଲ୍ଲାର ଦ୍ୱିତୀୟ ସ୍ଥାନ ଓ କେନ୍ଦ୍ରାପଡା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଟପ୍ପର ବିବେଚିତ ହୋଇଛନ୍ତି । ସେହିଭଳି ବର୍ଷା ପ୍ରିୟଦର୍ଶିନୀ ପତ୍ରୀ (୫୬୧), ଅନିଶା ସୁଆର (୫୫୯), ଇଶ୍ରୀତା ପ୍ରିୟଦର୍ଶିନୀ (୫୪୮), ସୋନାଲିକା ପାଢି(୫୪୬), ବଳରାମ ମଲ୍ଲିକ (୫୪୫), ଏସକେ ଆସିବୁଦ୍ଦିନ (୫୪୨) ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସମୁଦାୟ ୧୪୫ ଜଣ ପିଲାଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୯ଜଣ ଏବଂ ତୃତୀୟ ଶ୍ରେଣୀରେ ୮ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାଖାପାଖି ୨୦ଜଣ ଛାତ୍ରଛାତ୍ରୀ ୫୦୦ ମାର୍କରୁ ଅଧିକ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସୂଚନା ଥାଉକି ଏହି ବିଦ୍ୟାଳୟ ବର୍ଷ ବର୍ଷ ଧରି ଜିଲ୍ଲାରେ ପ୍ରଥମ ସ୍ଥାନ ରଖି ଆସୁଅଛି । ବିଦ୍ୟାଳୟର ଅଧକ୍ଷ ଡକ୍ଟର ବିନାୟକ ଦାଶ ଓ ଉପାଧକ୍ଷ ଅଧ୍ୟାପକ ନିତ୍ୟାନନ୍ଦ ଦାଶ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରି ଆଗାମୀ ଭବିଷ୍ୟତରେ କିପରି ଆହୁରି ଭଲ ମାର୍କ ରଖି ଆଗକୁ ଯିବାର ପ୍ରେରଣା ଦେଇଛନ୍ତି । ଗଣିତରେ ଶତ ପ୍ରତିଶତ ମାର୍କ ରଖି ଜିଲ୍ଲାରେ ଆଉ ଏକ ରେକର୍ଡ ସୃଷ୍ଟି କରିଛନ୍ତି ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ପତ୍ରୀ। ଯାହାର ଶ୍ରେୟ ସେ ବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟାପକ ଭାସ୍କର ଚନ୍ଦ୍ର ଦାଶଙ୍କୁ ଦେଇଛନ୍ତି । ଉଚ୍ଚକୋଟୀର ପାଠପଢା ଏବଂ ଯେକୌଣସି ସମୟରେ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କଠାରୁ ପାଠ ବୁଝିବାର ସୁବିଧା ଏବଂ ନିରଞ୍ଜନ ପତି ସାରଙ୍କ ଦ୍ୱାରା ଶୃଙ୍ଖଳିତ ପରିଚାଳନା ଉକ୍ତ ମହାବିଦ୍ୟାଳୟକୁ ଜିଲ୍ଲାରେ ଆଗଧାଡିରେ ଗଣାଯାଉଥିବା ଆବାସିକ ବିଦ୍ୟାଳୟ ମାନଙ୍କ ମଧ୍ୟରେ ସର୍ବାଗ୍ରେ ରଖିପାରିଛି ବୋଲି ଅଧକ୍ଷ ଶ୍ରୀ ଦାଶ କହିଛନ୍ତି।

# ପରିବେଶ ବିଗାଡୁଛି ଥର୍ମୋକୋଲ ପ୍ଲେଟ : ବ୍ୟବହାରରେ ଲାଗୁନି ରୋକ

- ◆ ସ୍ୱାସ୍ଥ୍ୟ ପ୍ରତି ବିପଦପୂର୍ଣ୍ଣ, ବଢ଼ାଉଛି ମୃତ୍ତିକା ପ୍ରଦୂଷଣ
- ◆ ବିଭିନ୍ନ ଠେଲା ଦୋକାନରେ ବହୁଳ ବ୍ୟବହାର

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଏବେ ବିବାହ, ବ୍ରତ ଋତୁ ଚାଲିଛି। ଭୋଜି ଭାତ ଆସର ଜମୁଛି । ଅଧିକାଂଶ ଭୋଜିରେ ଥର୍ମୋକୋଲ ପ୍ଲେଟ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ଖାଲି ସେତିକି ନୁହେଁ, ସୁବର୍ଣ୍ଣପୁର ଜିଲ୍ଲା ସହରାଞ୍ଚଳରେ ରାସ୍ତା କଡ଼ରେ ବହୁ ଜଳଖିଆ ଦୋକାନରେ ଏହି ପ୍ଲେଟ, ଠୁଙ୍ଗା ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି । ଠୋଲାଠୁ ଆରମ୍ଭ କରି ବଡ଼ ବଡ଼ ହୋଟେଲରେ ମଧ୍ୟ ଏହି ପ୍ଲେଟ ଓ ଠୋଲାରେ ଖାଦ୍ୟ ପରସା ଯାଉଛି । ପରିବେଶକୁ ବିଗାଡିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ ମଧ୍ୟ ଏଥି ପ୍ରତି ପ୍ରଦୂଷଣ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ କିମ୍ବା ପ୍ରଶାସନ ସେତେଟା ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଥର୍ମୋକୋଲ ପ୍ଲେଟ ଓ ଠୋଲା ବ୍ୟବହାରରେ ରୋକ ଲଗାଇବା ପାଇଁ ପରିବେଶବିତ ବାରମ୍ବାର ଅଭିଯୋଗ ଓ ଖବର ପ୍ରସାରଣ ପରେ ଅଞ୍ଚଳ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି । ସୂଚନା ମୁତାବକ, ପଲିଷ୍ଟାଇରିନି ତିଆରିରେ ବ୍ୟବହୃତ ଷ୍ଟାଇରିନ ଏବଂ ବେଞ୍ଜିନ ମାରାତ୍ମକ କର୍କଟ ରୋଗ ସୃଷ୍ଟି କରିବାରେ ସାହାଯ୍ୟ କରାଏ। ଯେତେବେଳେ ଗରମ ଖାଦ୍ୟ କିମ୍ବା ପାନୀୟ ଥର୍ମୋକୋଲ ପ୍ଲେଟ ଉପରେ ପରସା ଯାଏ, ସେଥିରୁ ନିର୍ଗତ ରାସାୟନିକ ପଦାର୍ଥ ଖାଦ୍ୟ ସହ ମିଶେ । ଦୀର୍ଘ ସମୟ ଧରି କିମ୍ବା ନିୟମିତ ଭାବରେ ଷ୍ଟାଇରିନି ସହିତ ସମ୍ପର୍କରେ ଆସିବା ଦ୍ୱାରା ସ୍ନାୟୁ ପ୍ରଭାବିତ ହୁଏ । ଫଳରେ ଥକାପଣ ଓ ମୁଣ୍ଡବିନ୍ଧା ସୃଷ୍ଟି ହୁଏ । ଦୀର୍ଘ କାଳୀନ ସଂସ୍ପର୍ଶ ସହିତ ଯକୃତ ଏବଂ ବୃକକ ଉପରେ ପ୍ରଭାବ ପକାଏ । ଏହା ପରିବେଶ ପ୍ରଦୂଷଣରେ ମଧ୍ୟ ସାହାର୍ଯ୍ୟ କରେ। ବିଶେଷ କରି ଜଳାଶୟ ଗୁଡିକରେ ପଡିବା ଦ୍ୱାରା ଜଳ ପ୍ରଦୂଷିତ ହୁଏ । ଥର୍ମୋକୋଲ ଜାଳିବା ଦ୍ୱାରା



କାର୍ବନ ମନୋଅକ୍ସାଇଡି ଏବଂ ଷ୍ଟାଇରିନ ଗ୍ୟାସ ସମେତ ବିଷାକ୍ତ ଧୂଆଁ ନିର୍ଗତ ହୁଏ । ଯାହା ବାୟୁ ମଣ୍ଡଳ ପାଇଁ ବହୁଳ ଭାବେ କ୍ଷତିକାରକ । ଥର୍ମୋକୋଲ ଜୈବ ବିଘଟନଶୀଳ ନୁହେଁ । ଏହାର ପୁନଃଚକ୍ରଣ କରିବା କଷ୍ଟକର । ଏଣୁ ମୃତ୍ତିକା ବହୁଳ ମାତ୍ରାରେ ପ୍ରଦୂଷିତ ହେବାରେ ଲାଗିଛି । ବ୍ୟବସାୟୀ ମାନଙ୍କୁ ସୁବିଧା ହେଉ ଥିବାରୁ ଗ୍ରାହକଙ୍କ ପାଇଁ କେତେ ଯେ ବିପଦ ଆଣୁଛି ସେଥିପ୍ରତି ସେମାନେ ସଚେତନ ନୁହନ୍ତି । କିନ୍ତୁ ସବୁ ସତ୍ତ୍ୱେ ବି ଏହାର ଚାହିଦା କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି । ପଲିଷ୍ଟାଇରିନ (ପେଟ୍ରୋଲିୟମ ଆଧାରିତ ପ୍ଲାଷ୍ଟିକ)ରୁ ତିଆରି ଥର୍ମୋକୋଲ ପ୍ଲେଟ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ବୋଲି ସବୁ ଜାଣିଥିଲେ ମଧ୍ୟ ଏହା ବନ୍ଦ ହେଉନାହିଁ । ଏହା ପରିବର୍ତ୍ତେ କାଗଜ କିମ୍ବା ପତ୍ର ଆଧାରିତ ସାମଗ୍ରୀ ବ୍ୟବହାର କରାଗଲେ ପରିବେଶ ସହ ସ୍ୱାସ୍ଥ୍ୟ ସମ୍ପଦ ସୁରକ୍ଷିତ ରହି ପାରନ୍ତା ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି । ପ୍ରଶାସନ ତୁରନ୍ତ ସୁବର୍ଣ୍ଣପୁର ଜିଲ୍ଲାରେ ଯାଞ୍ଚ କରି ଏହି ପ୍ଲେଟ ଓ ସୋଲ ଠୋଲା ବ୍ୟବହାରରେ ରୋକ ଲଗାଉ ବୋଲି ଦାବୀ ହେଉଛି।

## ନୂଆ ବସଷ୍ଟାଣ୍ଡ ନିର୍ମାଣ ଓ ବଜାର ରାସ୍ତା ସମ୍ପ୍ରସାରଣ ପାଇଁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ବ୍ଲକର ହାଟପଦା ଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ତତ୍‌କାଳୀନ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଶିଳାନ୍ୟାସ କରିଥିଲେ । ହେଲେ ଅଦ୍ୟାବଧି ସୁଦ୍ଧା ଏକ ସୁଲଭ ବସଷ୍ଟାଣ୍ଡ ପାଇଁ ଜମି ଅଧିଗ୍ରହଣ ହୋଇ ନ ଥିବାରୁ ପ୍ରାୟ ୧ ବର୍ଷରୁ ଅଧିକ ଦିନ ହେବ ଠିକାସଂସ୍ଥା ବସଷ୍ଟାଣ୍ଡ ନିର୍ମାଣ କାମ କରିପାରୁ ନ ଥିବା ଅଭିଯୋଗ କରି ଆସୁଥିଲେ । ବାରମ୍ବାର ପ୍ରଶାସନିକ ନୋଟିସ ସତ୍ତ୍ୱେ ପଞ୍ଚାୟତ ଗୃହରେ ଦୋକାନ ଖୋଲି ବ୍ୟବସାୟ ଚାଲୁରଖିବା ସହ କିଛି ନିରୀହ ଜନସାଧାରଣ କୋଡିଏରୁ ଉର୍ଦ୍ଧ୍ୱ ବର୍ଷ ହେବ ଘର କରି ରହି ଆସୁଥିଲେ । ଏଣୁ ବାଧ୍ୟ ହୋଇ କୋଟଗଡ ତହସିଲଦାର ଜିତେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୁଲିସ ଫୋର୍ସ, ବିଜୁଳି କର୍ମଚାରୀ, ମୋବାଇଲ ସ୍ୱାସ୍ଥ୍ୟ ଟିମ୍ ଏବଂ ଅନୁସଙ୍ଗିକ ବ୍ୟବସ୍ଥା କରାଯାଇ ୨ଟି ବୁଲଡୋଜର ସହାୟତାରେ ଜବରଦଖଲ ଉଛେଦ କରାଯାଉଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଜଣେ ନିରୀହ ବୃଦ୍ଧା ଦୀର୍ଘ ବର୍ଷ ହବ ଘରକରି ରହିଆସୁଥିବାରୁ ଭିଟା ମାଟି ଛାଡି ଯିବାପାଇଁ ଇଛା ପ୍ରକଶ ନ କରି ନିଜ ଛୋଟ କୁଡ଼ିଆ ଖଣ୍ଡିକୁ ଚାହିଁ କାନ୍ଦୁଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା । କୋଟଗଡରେ ବାରମ୍ବାର ଦୁର୍ଘଟଣା ଘଟୁ ଥିବାରୁ ଯାନ ବାହନ ଦୁର୍ଘଟଣା ରୋକିବାକୁ ତହସିଲଦାର ଏବଂ ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର କୋଟଗଡ ବଜାରରେ ଥିବା ଦୋକାନଗୃହ ସମ୍ମୁଖ ରାସ୍ତାକୁ କବ୍ଜା କରିବାକୁ ମନା କରିବା ସହ ରାସ୍ତା ସମ୍ପ୍ରସାରଣ ପାଇଁ ବଜାର ଛକ ଠାରୁ ସୁବର୍ଣ୍ଣଗିରି ଯିବା ରାସ୍ତା ଓ ପୁରା ବଜାର କଡ଼ରେ ମାଡ଼ି ବସିଥିବା ଉଠାଦୋକାନୀଙ୍କୁ ଉଠାଉଥିବା ଦେଖିବାକୁ ମିଳିଛି। ଏହି ସମୟରେ ତୁମୁଡିବନ୍ଧ ତହସିଲଦାର ଦୋଳଗୋବିନ୍ଦ ସାହୁ, ସୁପରଭାଇଜର ଗୋଲକ ବିହାରୀ ସାମନ୍ତସିଂହାର କର, ରାଜସ୍ୱ ନିରୀକ୍ଷକ ରଂଜିତ ସାହୁ ସମେତ ବହୁ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।




## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୨୬।୫।୨୦୨୫, ଜ୍ୟେଷ୍ଠ ଦି୧୨ନ, ସୋମବାର**


**ସୂର୍ଯ୍ୟୋଦୟ- ଘ୫।୦୮।୨୬** **ଚନ୍ଦ୍ରୋଦୟ- ନିଘ ୪।୫୧।୫୮**


**ଚତୁର୍ଦ୍ଦଶୀ-** ଦିଘ ୧୨।୧୨ ପର୍ଯ୍ୟନ୍ତ । **ଦ୍ୱିଜା ନକ୍ଷତ୍ର-** ଦିଘ ୮।୨୪ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଦିଘ ୧।୪୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । ଦିଘ ୧।୪୦ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । ଦିଘ ୧।୪୦ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ଦିଘ ୧୨।୧୨ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୧ ଗତେ ଘ ୧୦।୫୨ ମଧ୍ୟେ । ରାଘ ୯।୧୧ ଗତେ ଘ ୧୦।୨୨ ମଧ୍ୟେ । **ପର୍ବୋତ୍ସବ-** ଅମାବାସ୍ୟାର ନିଶାପାଳନ, ସାବିତ୍ରୀ ବ୍ରତ ।


**ମେଷ:** ଯୋଜନାବଦ୍ଧ ଭାବରେ କାର୍ଯ୍ୟ ନିର୍ବାହ କରିପାରିବେ ନାହିଁ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଚଞ୍ଚକତାର ଶିକାର ହୋଇପାରନ୍ତି । ପାରିବାରିକ ସହଯୋଗ ଲାଭ କରିବେ । ଦେହ ଓ ମନ ଭଲ ରହିବ ।



**ବୃଷ:** ମନରେ ଶତ ସିଂହର ବଳ ଆସିବ । ସାହାଯ୍ୟ ସହଯୋଗ ପ୍ରାପ୍ତି ହେବା ସହିତ ବନ୍ଧୁ ପ୍ରୀତି ଲାଭର ସୂଚନା । ଆୟର ପଥ ପରିଷ୍କାର ହେବ । ଦ୍ରବ୍ୟ ଲାଭ ପରିବାରକୁ ଆନନ୍ଦ ଦେବ । ପାରିବାରିକ ସୁଖ ଲାଭ ।



**ମିଥୁନ:** ଅସହଯୋଗରୁ ବିରକ୍ତି ପ୍ରକାଶ ପାଇବ । ସାମୟିକ ବ୍ୟସ୍ତତା ଦେଖାଦେବ । ଭୋଗ ବିଳାସରେ ବିଘ୍ନ ଘଟିବ । କର୍ମକ୍ଷେତ୍ରରେ ପଥରୋଧର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ଲାଭ ହେବ ।



**କର୍କଟ:** ମନରେ ଚଞ୍ଚକତା ହେତୁ କୌଣସି କାମରେ ମନ ଲାଗିବ ନାହିଁ । ବିଚାର ବିମର୍ଷ ବା ସୁପରାମର୍ଶ କ୍ରମେ କାର୍ଯ୍ୟ ହାସଲ । ହଠାତ୍ ଭାଇ ବା କର୍ମଚାରୀ ସହ କଳହ ଆଶଙ୍କା । ଘରେ ଆନନ୍ଦ ଦେଖାଦେବାର ସୂଚନା ।



**ସିଂହ:** ସମସ୍ତ ସୁବିଧା ଥିଲେ ମଧ୍ୟ ଆକସ୍ମିକ ପରିସ୍ଥିତି କେତେକ ସମସ୍ୟା ସୃଷ୍ଟି କରାଇବ । ଆୟ ଓ ବ୍ୟୟ ସମାନ ରହିବ । ସାଧାରଣ କଥା ବୃହତ୍ ହେବ । ପରିବାରରୁ ସମର୍ତନ ଲାଭ କରିବେ । ମନ ଅସ୍ଥିର ରହିବ ।



**କନ୍ୟା:** ଯାହା କଲେ ତାହା ଖୁସିରେ ହୋଇପାରିବ । ଅନ୍ୟର ଉପକାର କରି ଲୋକ ସମ୍ପର୍କ ବୃଦ୍ଧି କରିବେ । କିନ୍ତୁ ପାରିବାରିକ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିପାରେ । ଆୟରେ ଉନ୍ନତି ହେବ । ମହିଳାମାନେ ଗର୍ବୀ ହେବେ ।


**ତୁଳା:** ମନରେ ଅଭିମାନ ଆସିବ । କର୍ମ ପଥରେ ବନ୍ଧନ ତଥା ପରାଧୀନତା ଅନୁଭବ କରିବେ । ଜଣେ ଆଗନ୍ତୁକଙ୍କ ପାଇଁ ଅଶାନ୍ତି ସୃଷ୍ଟିର ସମ୍ଭାବନା । ପରିବାରରେ ତୃପ୍ତି ଲାଭ । ବ୍ୟୟର ମାତ୍ରା ବଢ଼ିବ ।


**ବିଛା:** ମନରେ ଅସ୍ଥିରତା ଦେଖାଦେବ । ତଥାପି ବନ୍ଧୁ ସହଯୋଗରୁ କର୍ମପ୍ରାପ୍ତି ତଥା ସୁଖ ସନ୍ତୋଷ ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ କଳହ ଦେଖାଦେଇପାରେ । କଚେରି ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।


**ଧନୁ:** ଆପଣ ଯେତେ ଯାହା କରନ୍ତୁ ଅନ୍ୟମାନଙ୍କର ସମାଲୋଚନାର ଶିକାର ହେବେ । ତଥାପି କର୍ମପ୍ରାପ୍ତି ଆନନ୍ଦ ଦେବ । ଆୟ ପୂର୍ବ ପରି ସ୍ଥିର ରହିବ । ଘରେ ଗତିରୋଧର ସମ୍ମୁଖୀନ ହେବେ ।


**ମକର:** ବହୁ ପରିମାଣ ଅର୍ଥର ଆବଶ୍ୟକତା ଅନୁଭବ କରିବେ । କୌଣସି ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବନ୍ଧୁ ସହଯୋଗ ମିଳିବ । ଆୟ ମଧ୍ୟମ ହେବ । ଘରେ ଶାନ୍ତି ଲାଭ । ମହିଳାମାନେ ସୁଖୀ ହେବେ।


**କୁମ୍ଭ:** ଅନ୍ୟମାନଙ୍କ କଥାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିଚାଲିବେ । କର୍ମ ପ୍ରାପ୍ତି ସହିତ ପ୍ରଶଂସା ପାଇବେ । ଆର୍ଥିକ ଦିଗଟି ବେଶ୍ ଉନ୍ନତିକର ହେବ । ପରିବାରରେ ଅସହଯୋଗ ଦେଖାଦେବ । ବନ୍ଧୁ ଦର୍ଶନର ସୁଯୋଗ ।


**ମୀନ:** କେତେକ ବାକି କାର୍ଯ୍ୟ ସମାଧାନ ସହିତ ପୁରୁଣା କାର୍ଯ୍ୟ ପ୍ରାପ୍ୟ ଆଦାୟ ମନରେ ଖୁସି ଆଣିବ । ଦୂରଯାତ୍ରା କରି ସୁଫଳ ପାଇପାରିବେ । ପରିବାରରୁ ସତ୍ ପରାମର୍ଶ ମିଳିବ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୭।୫।୨୦୨୫, ଜ୍ୟେଷ୍ଠ ଦି୧୩ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୮।୧୫** **ଚନ୍ଦ୍ରୋଦୟ- ନାସ୍ତି**

**ଅମାବାସ୍ୟା** ଦିଘ ୮/୩୨ ଗତେ ପ୍ରତିପଦ ନିଘ ୫/୦୩ ପର୍ଯ୍ୟନ୍ତ। **କୃତିକା ପ୍ରାଘ ୫/୩୬ ଗତେ ରୋହିଣୀ ନକ୍ଷତ୍ର କ୍ଷୟ-** ରାଘ ୨/୫୧ ପର୍ଯ୍ୟନ୍ତ। **ବୃଷଚନ୍ଦ୍ର-** ଅହୋରାତ୍ର। ଚନ୍ଦ୍ରଶୁଦ୍ଧି- ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନରାଶିର । **ଘାତଚନ୍ଦ୍ର-**ବିଛା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୮/୩୨ ପରେ ପାଣିକଖାରୁ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫/୧୨ ଗତେ ଘ ୬/୫୦ ମଧ୍ୟେ, ଦିଘ ୯/୩୩ ଗତେ ଘ ୧୨/୧୦ ମଧ୍ୟେ। **ପର୍ବୋତ୍ସବ-** ଜ୍ୟେଷ୍ଠ ଅମାବାସ୍ୟା, ତ୍ର୍ୟହସ୍ପର୍ଶତିଥି।


ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୨୦୩୦ ସୁଦ୍ଧା ଦାରିଦ୍ର୍ୟ ସଂଖ୍ୟା ରହିବ ୫୭.୪ କୋଟି

ସାରା ବିଶ୍ୱ ୧୯୭୦ ପରେ ସବୁଠୁ ଖରାପ ମାନ୍ଦାବସ୍ଥା ସମୟ ଦେଇ ଗତି କରୁଛି । ଏହାର ପ୍ରଭାବରେ ବର୍ଷ ଶେଷ ବେଳକୁ ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ଜୀବନ ଅତିବାହିତ କରୁଥିବା ଲୋକଙ୍କ ସଂଖ୍ୟା ୬୮.୫ କୋଟିକୁ ବୃଦ୍ଧି ପାଇବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି । ଦାରିଦ୍ର୍ୟ ଦୂରୀକରଣ ଦିଗରେ ୨୦୨୨ ଏକ ବଡ ଧକ୍କା ସାବ୍ୟସ୍ତ ହେବାକୁ ଯାଉଛି । ୨୦୨୦କୁ ବାଦ ଦେଲେ ଗତ ଦୁଇ ଦଶନ୍ଧି ମଧ୍ୟରେ ଏଭଳି ଖରାପ ସମୟ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା ବୋଲି ବିଶ୍ୱବ୍ୟାଙ୍କ ଜଣାଇଛି ।

ବିଶ୍ୱବ୍ୟାଙ୍କ ଆକଳନ କରିଛି ଯେ ୨୦୩୦ ସୁଦ୍ଧା ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ଥିବା ଲୋକଙ୍କ ସଂଖ୍ୟା ୫୭.୪ କୋଟି ରହିବ । କରୋନା ମହାମାରୀର ପ୍ରଭାବ ବ୍ୟତୀତ ଖାଦ୍ୟ ଓ ଶକ୍ତି ମୂଲ୍ୟରେ ଅହେତୁକ ବୃଦ୍ଧି, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ଋଷ-ୟୁକ୍ରେନ ଯୁଦ୍ଧ ଯୋଗୁ ଅର୍ଥନୀତିରେ ଆଶାନୁରୂପ ସୁଧାର ହୋଇନି । ବର୍ଷକ ଭିତରେ ବିକାଶଶୀଳ ରାଷ୍ଟ୍ରରେ ଋଣ ସଙ୍କଟ ଉତ୍କଟ ହୋଇଛି । ବିଶ୍ୱର ୬୦ ପ୍ରତିଶତ ଗରିବ ରାଷ୍ଟ୍ର ଋଣ ସଙ୍କଟରେ ପଡିଛନ୍ତି ଅଥବା ପଡିବାକୁ ଯାଉଛନ୍ତି । ଋଣରେ ବୁଡ଼ି ରହିଥିବାରୁ ଗରିବ ଦେଶଗୁଡ଼ିକ ଅର୍ଥନୈତିକ ସଂସ୍କାର, ସ୍ୱାସ୍ଥ୍ୟ ସେବା, ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ରୋକିବା ଏବଂ ଶିକ୍ଷା ଆଦି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନିବେଶ କରିପାରୁନାହାନ୍ତି । ୨୦୨୨ର ପ୍ରଥମ ଭାଗରେ ଶକ୍ତି ମୂଲ୍ୟରେ ହୋଇଥିବା ବୃଦ୍ଧି ଯୋଗୁ ୨୦୩୦ ସୁଦ୍ଧା ସମସ୍ତଙ୍କ ପାଖରେ ସୁଲଭ ମୂଲ୍ୟରେ ଶକ୍ତି ପହଞ୍ଚାଇବା ଲକ୍ଷ୍ୟ ହାସଲ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ବର୍ତ୍ତମାନ ସୁଦ୍ଧା ୭୩.୩ କୋଟି ଲୋକଙ୍କ ପାଖରେ ବିଦ୍ୟୁତ ପହଞ୍ଚିନି । ୨୦୩୦ ସୁଦ୍ଧା ୬୭ କୋଟି ଲୋକଙ୍କ ପାଖରେ ବିଦ୍ୟୁତ ପହଞ୍ଚିନଥିବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି ।

୨୦୦୦ ମସିହା ପରେ ଦାରିଦ୍ର୍ୟ ଦୂରୀକରଣରେ ମିଳିଥିବା ସଫଳତା ଦୂର ହୋଇଯିବ । ବିଶେଷ କରି ନିମ୍ନ ଓ ମଧ୍ୟମ ଆୟ ବର୍ଗ ରାଷ୍ଟ୍ରରେ ଏହି ଲାଭ ଅର୍ଥହୀନ ହୋଇପଡିବ । ନିମ୍ନ ଓ ମଧ୍ୟମ ଆୟ ବର୍ଗର ରାଷ୍ଟ୍ରରେ ପ୍ରତି ୧୦୦ ପିଲାଙ୍କ ମଧ୍ୟରୁ ୬୦ ଜଣ ଶିକ୍ଷାରୁ ବଞ୍ଚିତ ୧୦ ଜଣ ସ୍କୁଲ ଯିବାରୁ ବଞ୍ଚିତ ହୋଇଛନ୍ତି । ଯଦି ସେହି କ୍ଷତି ଭରଣା କରାନଯିବ ତେବେ ତାହାର ଦୀର୍ଘସ୍ଥାୟୀ ପ୍ରଭାବ ଦେଶର ଅର୍ଥନୀତି ଉପରେ ରହିବ । ଫଳରେ ଅସମାନତା ବୃଦ୍ଧି ପାଇବା ସହ ସାମାଜିକ ଅସ୍ଥିରତା ଦେଖାଦେବ ।



ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

## ଗୀତାମୃତ ଲହରୀ

ଚତୁର୍ଥ ଅଧ୍ୟାୟ

(କଳା କଳେବର କହ୍ନାଇ-ବୃତ୍ତେ)

ଜନ୍ମ ମୃତ୍ୟୁ ମୋର ନ ଥାଏ ତେଣୁ ଅଜନ୍ମା ମୁହିଁ
ଧର୍ମନାଶ ବେଳେ ସ୍ୱେଚ୍ଛାଏ କଳେବର ଧରଇ ।୧୦।

ପାପିଷ୍ଠ ଜନଙ୍କୁ ସଂହାରି ସାଧୁଙ୍କୁ କରି ରକ୍ଷା
ନଷ୍ଟ ଧର୍ମ କଷ୍ଟେ ଉଦ୍ଧାରି ଦିଅଇ ଲୋକଶିକ୍ଷା ।୧୧।

ଯେ ମୋତେ ଏ ଭାବେ ଜାଣଇ ପ୍ରାଣପଣେ ଭଜଇ
ଈଶ୍ୱରୀ ମାୟାକୁ ବୁଝିଣ ଅନାସକ୍ତେ ମଜ୍ଜଇ ।୧୨।

ଜ୍ଞାନରୂପୀ ଅଗ୍ନି ଜଳାଇ କାମସଙ୍କଳ୍ପ ସବୁ
କର୍ମଫଳ ସଙ୍ଗ ଛାଡିଣ ନିଶ୍ଚିନ୍ତେ ରହ ବାବୁ ।୧୩।

ଯାହା ଜଗତରେ ହେଉଛି ହେବ, ସବୁ ମୋ ମାୟା
ତଥାପି ନିର୍ଲିପ୍ତ ତହିଁରେ ମୋତେ ନ ଲାଗେ ଏହା ।୧୪।

ସଙ୍କଳ୍ପ ସମୂହ ଏଡ଼ିଣ ଯଜ୍ଞ କରମ କର
ସେବା ଶୁଦ୍ଧି, ସବୁ ମୂଳରେ ଇନ୍ଦ୍ରିଦମନ ସାର ।୧୫।

ଦାନ ଧ୍ୟାନ ପ୍ରାଣାୟାମାଦି ଯଜ୍ଞ ଯେତେ ପ୍ରକାର
ଗୁରୁବିନେ ଏହା ସାଧିବା ହେବ ଅହିତକର ।୧୬।

ଜ୍ଞାନ ଯଜ୍ଞ ଆଶ୍ରେ କରିଣ ମୁକ୍ତି ପାଆନ୍ତି ପାପୀ
ଶ୍ରଦ୍ଧାରେ ସୁହୃଦେ ଶରଣ ସଦା ହୁଅନ୍ତି ତପୀ ।୧୭।

(କ୍ରମଶଃ)

# ଅଦୃଶ୍ୟ କୁମ୍ଭାରର ଇଚ୍ଛା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଅଦୃଶ୍ୟ କୁମ୍ଭାର, ସେଇ ଇଚ୍ଛାମୟ । ସେ ହିଁ ସୂତ୍ରଧର । ପ୍ରାଣୀଏ ଗୋଟେ ଗୋଟେ କଣ୍ଢେଇ । ତାଙ୍କରି ଇଙ୍ଗିତରେ ପରିଚାଳିତ ଦେବ, ଦାନବ, ନର, କିନ୍ନର – ଏମିତି ସଭିଏଁ । ଅଦୃଶ୍ୟ କୁମ୍ଭାର, ସେ କାହା ପାଇଁ ଈଶ୍ୱର, କିଏ ତାଙ୍କୁ ଡାକେ ପରଂବ୍ରହ୍ମ, ପରମାତ୍ମା । ଆସ୍ତିକମାନେ, ଅଦେଖା ପୁରୁଷଙ୍କୁ ପୂଜନ୍ତି ନାନା ରୂପରେ, ବିଭିନ୍ନ ଭାବରେ । କାହାର ମନସ୍କାମନା ପୂର୍ଣ୍ଣ ହୁଏ । କାହା ଜୀବନ ଅପୂର୍ଣ୍ଣ ରହେ । ସବୁ ବିଧିର ବିଧାନ । ପ୍ରତିଟି ମଣିଷ କୁମ୍ଭାର ଚକରେ ଗଢ଼ା । କୁମ୍ଭାର ମାଟି ଚକଟେ, ସରା, ହାଣ୍ଡି, ମାଠିଆ, ବଢ଼ା, ପୁତଳି ଗଢ଼େ । ଗଢ଼ିବାଟା ତା'ର ମର୍ଜି । ସମସ୍ତେ ଏକ ଏକ ଘଡ଼ି ମାଠିଆ, ହାଣ୍ଡି, ଆଟିକା । ଏମିତିକା ଧାରଣା କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କର । ନିଜ ଜୀବନ କାହାଣୀକୁ ସେ ଲେଖିଲେ । ନାଁ ରଖିଲେ 'କୁମ୍ଭାରଚକ' । ଜୀବନର ସୁଖ ଦୁଃଖର କଥା । ସୁଖ ଠାରୁ ଦୁଃଖ ଢେର୍ ଅଧିକ । କଥାଟିଏ ସେ ବାରିଛନ୍ତି । କୁମ୍ଭାରର ମାଟି ଦଳା ଚକଟା ଚାଲେ । ମାଟି କି ବାଧେ । ହାଣ୍ଡି ଆଟିକା ଯୋଡ଼ିଦିଏ କୁମ୍ଭାର । ଏଗୁଡ଼ିକ କାମରେ ଲାଗେ, ଉପକାରରେ ଆସେ । ଟିକେ ଆନନ୍ଦ ପାଏ କୁମ୍ଭାର । ଏ କଥାଟି ଜାଣିଛନ୍ତି କାଳୀଚରଣ । ବାରିଛନ୍ତି କୁମ୍ଭାରର ଅଦେଖା ହାତର ଛୁଆଁ, ମଥା ଉପରେ ଆଶୀର୍ବାଦ ଝରିଛି । ସେଇ ଭରସା, ସେଇ ଦମ୍ଭ, ତାକୁ ଆଶ୍ରା କରି ଚାଲିଛନ୍ତି । ଏବେ ଲେଖକ ଛଅସ୍ତରୀ ବର୍ଷର ବୁଢ଼ା । ସେଦିନର ସେ ଆବେଗ ନାହିଁ, ଆଗକୁ ମାଡ଼ି ଯାଇ ହେଉନି । ଖାଲି ସ୍ମୃତିର ରୋମନ୍ଥନ ଯାହା ।

କାଳୀଚରଣଙ୍କ ପିଲାଦିନ, ହସଖୁସିରେ ବିତିଲା । ରାଜଉଆସରେ ନାନାଦି ସୁଖଦ ଅନୁଭବ । ଯାତ୍ରା, ନାଟକ, ସୁଆଙ୍ଗ ଦେଖିବାର ସୁଯୋଗ ମିଳିଲା । ପାଠପଢ଼ା ଜୀବନ, ଆସିଲା ପ୍ରତିବନ୍ଧକ । ବାପା ବାଟ କାଟିଲେ । ଚାକିରି ଖୋଜିଲେ, ମିଳିଗଲା ରାଜାଘରେ ଚାକିରି । ଗେଲବସରିଆ ଦିନ, ସବୁ ପାଣିସୁଅରେ ଭାସିଗଲା । ବାରିପଦାରେ ଚାକିରି ପାଇଲେ । 'ଫୁଲ' ଆସିଲା ତାଙ୍କ ଜୀବନ ପରିଧିକୁ । କାଳୀଚରଣ ତାକୁ କନ୍ୟାତୁଲ୍ୟା ଆଦର କଲେ । ଫୁଲ ଝରିଗଲା ଅଦିନରେ । ବାରିପଦା ରାଜା ଘରେ ଚାକିରି ରହିଲାନି । କାଳିଆର ଡୋରି ଲାଗିଲା । ପୁରୀ ରାଜପୁରୀରେ ଚାକିରି । ଗଜପତି ରାମଚନ୍ଦ୍ର ଦେବ, ଶ୍ରୀଜୀଉଙ୍କ ଚାମର ସେବା ଦେଲେ । ବିଧି ବାମ ହେଲା । ରାଜା ରାମଚନ୍ଦ୍ର ଦେବ, ବିନା କାରଣରେ ରାଗିଲେ, ତାଙ୍କୁ କୁକୁର ସହ ତଉଲିଲେ । ସଂଗୀତଜ୍ଞ କାଳୀଚରଣ, ପ୍ରତିଜ୍ଞା କଲେ – 'ଚାକିରି ଝକ୍‌ମାରୀ, ଏ ଜନମେ ନାଇଁ କରି ।' ଏଣିକି କଳା ସାହିତ୍ୟରେ ମନୋନିବେଶ । ପ୍ରଥମେ ରାସ-ରସ ଚାଖିଲେ, ଥିଏଟର୍ସ ପାର୍ଟି ଗଢ଼ିଲେ, ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ପାଇଁ ଆପ୍ରାଣ ଉଦ୍ୟମ କଲେ । ସଫଳତା ବି ପାଇଲେ । ଓଡ଼ିଆ ସଙ୍ଗୀତ-ନାଟକ-ନୃତ୍ୟ ପ୍ରତି ତାଙ୍କର ବଡ଼ ଶରଧା । ଏହାର ଉନ୍ନତି ହେବ, ଜାତିର ଯଶକୀର୍ତ୍ତି ବଢ଼ିବ – ଏଦିଗରେ ଲାଗିପଡ଼ିଲେ । ଢେର ମାନ ସମ୍ମାନ ମିଳିଲା । ହେଲେ ଭଗାରି ମା' ପେଟରେ । ନିଜ ଲୋକେ ବିରୋଧ କଲେ । ତାହା ହିଁ କଳାକାର କାଳୀଚରଣଙ୍କର କ୍ଷୋଭ ।

୧୯୫୯ ସାଲ କଥା । କାଳୀଚରଣ ଶିଶୁ ଶ୍ରେଣୀର ପାଠ୍ୟ ପୁସ୍ତକମାନ ଲେଖୁଥିଲେ । ବହିଗୁଡ଼ିକ ସରକାରଙ୍କ ଦ୍ୱାରା ମନୋନୀତ ହେଲା । 'ବାପ ପୁଅର ମଙ୍ଗଳ ଚାହେଁ', ଅଦୃଶ୍ୟ କୁମ୍ଭାର, ତାଙ୍କରି ଅଦେଖା ହାତ ସବୁ ବେଳେ କାଳୀଚରଣଙ୍କ ମୁଣ୍ଡ ଉପରେ । ଏହାର ମୂଳ ବିଶ୍ୱାସ, ନିର୍ଭରଶୀଳତା, ଆତ୍ମ ସମର୍ପଣ । କେତେକେତେ ନାଟକ, ଏକାଙ୍କିକା, ଉପନ୍ୟାସ, କ୍ଷୁଦ୍ରଗଳ୍ପ, ସଂଗୀତ, ନୃତ୍ୟ ନାଟିକା, କାଳୀଚରଣ ଲେଖିଲେ । ଗୀତ ନୃତ୍ୟ ସମ୍ବନ୍ଧୀୟ ଆଲୋଚନା ବି । ଏଥି ସହ ଶିଶୁ ସାହିତ୍ୟ ଲେଖା, ତାହା ମଧ୍ୟ ଅଦୃଶ୍ୟ କୁମ୍ଭାରର ପ୍ରେରଣା । ଲେଖକ ଏହା ସ୍ୱୀକାର କରିଛନ୍ତି । ସେ ଧନୀ ଘର ପିଲା ନୋହିଲେ କ'ଣ ହେବ, ମାନୀଘରର ପିଲା । ଆଜିବି ବାଙ୍କି ଲୋକେ କହନ୍ତି, 'କରଣ ମଧ୍ୟରେ ଶରଣ ପନ୍ନହାକେ' । ପ୍ରାୟ ଦେଢ଼ଶହ ବର୍ଷ ପୂର୍ବେ । ଶରଣ ପଟ୍ଟନାୟକ, ସେ ବାଙ୍କିର ଅତି ପ୍ରସିଦ୍ଧ ବ୍ୟକ୍ତି । ତାଙ୍କରି ବଂଶରେ କାଳୀଚରଣଙ୍କର ଜନ୍ମ । ପରିବାରର ସମ୍ମାନକୁ ସେ ପାସୋରି ନାହାନ୍ତି । ବଂଶ ଗୌରବ ବଡ଼କଥା । ଆତ୍ମମର୍ଯ୍ୟାଦା ବି । ଗୋଟିକରେ ତାଙ୍କ ମତି – "ଯାହା କରିବେ ସାଇଁ ।" ଦିଲ୍ଲୀରେ ଆପଣା ଲୋକେ ଭଗାରି ହେଲେ । ବାଟ ଓଗାଳିଲେ । ବହୁ ମାନ-ଅପମାନ ସହିଲେ କାଳୀଚରଣ । ଓଡ଼ିଶୀ ନୃତ୍ୟକୁ ଅନ୍ୟତମ ଶାସ୍ତ୍ରୀୟ ନୃତ୍ୟ ରୂପେ ସ୍ୱୀକୃତି ମିଳିଲା । ଏହି ନୃତ୍ୟ ଅତୀବ ଉଚ୍ଚକୋଟୀର । ନାଟ୍ୟ ଶାସ୍ତ୍ରାନୁଯାୟୀ ଏହାର ଅବୟବ । ଆଙ୍ଗିକ, ବାଚନିକ, ଆହାର୍ଯ୍ୟ, ସାତ୍ତ୍ୱିକ ବିଭାଗ ମଧ୍ୟ ନାଟ୍ୟ ଶାସ୍ତ୍ରାନୁସାରୀ । ଗାୟନ ରୀତି, ଶୈଳୀ – ସବୁ ଓଡ଼ିଶୀ ପରମ୍ପରା ଭିତ୍ତିକ । ଓଡ଼ିଶାର ପରମ୍ପରା ହିଁ 'ଓଡ଼ିଶୀ' । ଖିଆ, ପିଆ, ପୁଣ୍ୟପର୍ବ, ଚାଲି-ଚଳଣି, ରସପ୍ରକାଶ ଭଙ୍ଗୀ, ସ୍ୱର ବ୍ୟବହାର – ଏ ସବୁ ଅନ୍ୟ ପ୍ରଦେଶ ଠାରୁ ସ୍ୱତନ୍ତ୍ର । ଓଡ଼ିଶୀ ଗୀତ ଓଡ଼ିଶାର ସ୍ୱର ତାଳକୁ ନେଇ ସମୃଦ୍ଧ । ସଙ୍ଗୀତ ଶାସ୍ତ୍ର – ଗ୍ରନ୍ଥମାନଙ୍କରେ ଏସବୁ ପ୍ରସଙ୍ଗ ସ୍ଥାନିତ । ସେଇ ସବୁ ଗ୍ରନ୍ଥଗୁଡ଼ିକର ସଂଗ୍ରହ ଲୋଡ଼ା, ପଠନ ଆବଶ୍ୟକ, ଗବେଷଣା ଅତ୍ୟନ୍ତ ଜରୁରୀ । ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟ । ଆପଣା ଲୋକେ ବିରୋଧ କଲେ । ସୁନାଟା ପିତଳ ହେବ କିପରି ? ଶେଷରେ କାଳୀଚରଣଙ୍କ ଜିତାପଟ ହେଲା । ତଥାପି ବିରୋଧ ଥମିଲାନି । ଓଡ଼ିଶୀ ସଙ୍ଗୀତ ବିଲୋପ ଲାଗି ଚକ୍ରାନ୍ତ ଚାଲିଲା । ଏହା କର୍ଣ୍ଣାଟକୀ ଧାରାର ସଙ୍ଗୀତ – ଏସବୁ ଅକଥା ଆଉ କେହି ନୁହେଁ, କେଇଜଣ ଓଡ଼ିଆ କହିଲେ । କାହାକୁ କହିବା, ଭାଇ ଭାଇର ଭଗାରି, ସବୁଠୁ ବଡ଼ ଶତ୍ରୁ ।

କାଳୀଚରଣଙ୍କ ପିଲାବେଳ । ତାଙ୍କ ବୋଉ ତୁଣ୍ଡରୁ ଶୁଣିଥିଲେ – "ପ୍ରିୟେ ଚାରୁଶୀଳେ" ଗୀତ । ଗୀତ ଗୋବିନ୍ଦ ପ୍ରତି ତାଙ୍କ ମନ ବଳିଲା । 'ଗୀତଗୋବିନ୍ଦ'ର ସ୍ୱର, ଛନ୍ଦ, ତାଳ – ଏସବୁକୁ ଅନୁକରଣ କଲେ । ଗୀତଗୋବିନ୍ଦକୁ ନାଟ୍ୟରୂପ ଦେଲେ । ନାଟକଟିକୁ ପରଶିଲା ସତ୍ୟବାଦୀ ନାଟ୍ୟ ସଂଘ । ୧୯୬୬ ମସିହା । ଦିଲ୍ଲୀ ସଙ୍ଗୀତ ନାଟକ ଅକାଦମୀ ସମାରୋହ । ଆଲୋଡ଼ନ ସୃଷ୍ଟି କଲା 'ଗୀତଗୋବିନ୍ଦ' । ସେଦିନର କଥା, କାଳୀଚରଣ ନିମନ୍ତ୍ରଣ ପାଇଲେ । ଅକାଦମୀରେ ସନ୍ଦର୍ଭଟିଏ ପଢ଼ିବେ । ଲେଖା ଇଂରାଜୀରେ ହେବା ବିଧେୟ । ଲେଖିଲେ 'ଗୀତ ଗୋବିନ୍ଦ ଇନ୍ ଓଡ଼ିଶୀ ଡ୍ୟାନ୍‌ସ' । 'ମେଘୈର୍ମେଦୁର' ଶ୍ଳୋକର ଓଡ଼ିଆ ଅନୁବାଦ ପାଠ, 'ଲଳିତ ଲବଙ୍ଗଲତା', 'ଦଶାବତାର ଗୀତ', 'ରତିସୁଖସାରେ', 'ପଶ୍ୟତି ଦିଶି ଦିଶି' – ଏସବୁ ଗୀତର ରାଗ, ତାଳ, ଲକ୍ଷଣ ସମ୍ବନ୍ଧୀୟ ଚର୍ଚ୍ଚା । ପ୍ରାଞ୍ଜଳ ଭାବେ ପ୍ରବନ୍ଧରେ ସ୍ଥାନିତ । ୧୯୬୭ ମସିହା, ମାର୍ଚ୍ଚ ୧୮, ୧୯, ୨୦ । ତିନି ଦିନ ଧରି ଚାଲିଲା ପ୍ରୋଗ୍ରାମ । କେନ୍ଦ୍ର ସଙ୍ଗୀତ ନାଟକ ଅକାଦମୀ ଏହାର ଆୟୋଜକ । ଗୀତ ଗୋବିନ୍ଦ ଉପରେ ପ୍ରବନ୍ଧମାନ; ବହୁ ବିଶିଷ୍ଟ ବିଦ୍ୱାନ ବ୍ୟକ୍ତି ପାଠକଲେ । ସେତେବେଳର ସଭାପତି ଟି.ଏଲ୍. ଭେଙ୍କଟରମଣମ୍ । ପ୍ରବନ୍ଧ ପଢ଼ିଲେ ଅଧ୍ୟାପକ ଏନ୍.ଏସ୍. ରାମଚନ୍ଦ୍ରନ୍, ଅଧ୍ୟାପକ ସି.ଏସ୍. ପନ୍ଥ, ଡ. ଶ୍ରୀମତୀ ପ୍ରେମଲତା ଶର୍ମା । ଶ୍ରୀ ଦିଲ୍ଲୀପ କୁମାର ମୁଖାର୍ଜୀ ବି । ଭାରତୀୟ ସଙ୍ଗୀତକୁ ଗୀତଗୋବିନ୍ଦର ଦାନ, ଏହାର ସାଙ୍ଗୀତିକ ଗଠନ (କଂଟ୍ରିବ୍ୟୁସନ ଅଫ୍ ଗୀତଗୋବିନ୍ଦ ଟୁ ଇଣ୍ଡିଆନ୍ ମିଉଜିକ୍ ଏଣ୍ଡ ଇଟ୍‌ସ ମ୍ୟୁଜିକାଲ ଷ୍ଟ୍ରକ୍‌ଚର) – ଏଇଟି ଆଲୋଚନାର ବିଷୟବସ୍ତୁ । କାଳୀଚରଣ ବି ପ୍ରବନ୍ଧ ପାଠ କଲେ । ରାତି ୭ଟାରୁ ୯ଟା । ଅକାଦମୀ ହତାରେ ତିଆରି ରଙ୍ଗମଂଚ । ଚାଲିଲା ଗୀତଗୋବିନ୍ଦ ଉପରେ ଗୀତ, ନୃତ୍ୟ ପ୍ରଦର୍ଶନ । ଆଡ଼ୟାର କଳାକ୍ଷେତ୍ର । ଏହାର ଖ୍ୟାତନାମା କଳାକାର ରାମଗୋପାଳନ୍, ଶ୍ରୀମତୀ କୃଷ୍ଣାବେଣୀ । ଏମାନେ ରାଧାକୃଷ୍ଣ ଭୂମିକାରେ । ପ୍ରଦର୍ଶନ କଲେ ଭାରତନାଟ୍ୟମ୍ । 'ଲଳିତ ଲବଙ୍ଗଲତା', 'ସଖୀ ହେ !' 'କେଶୀ ମଥନ ମୁଦାରମ୍', 'ରତିସୁଖସାରେ', 'ପଶ୍ୟତି ଦିଶି ଦିଶି' ଆଦିଗୀତ । ବିଶିଷ୍ଟ ନୃତ୍ୟାଙ୍ଗନା କୁଙ୍କୁମ୍ ଦାସ, ସେଇ ଗୀତଗୁଡ଼ିକୁ ଓଡ଼ିଶୀ ଶୈଳୀରେ ନୃତ୍ୟ ପରିବେଷଣ କଲେ । 'ବଦସି ଯଦି କିଂଚିଦପି ଦନ୍ତରୁଚି କୌମୁଦୀ' – ଏଇ ଗୀତଟି ଗାଇଲେ ଅଧ୍ୟାପକ ନୀଳକଣ୍ଠ ସିଂ । ଉକ୍ତ ଗୀତର ଓଡ଼ିଆ ଅନୁବାଦ କରିଥିଲେ କାଳୀଚରଣ । ତାହା ସମସ୍ୱରୀ, ସମଛନ୍ଦୀ । ଗୀତଟି ହେଲା– "ମଞ୍ଜୁ ମଧୁ ଭାଷିଲେ ସରସ ରଜ ଚନ୍ଦ୍ରିକା / ହରଇ ମନ ମନ-ତିମିର-ଯାମେ/ ଚନ୍ଦ୍ର-ବଦନା ଅଧର ମଧୁର-ମଧୁ ଧାର ଗୋ / ନୟନ ତ ଚକୋର ସରି କାମେ । ପ୍ରିୟେ ଚାରୁଶୀଳେ ! ତେଜ ମନୁ ମାନିନି ! ଗୁମାନେ / କାମ-ଖର-ତାପ ସହି ! ଦହଇ ସମ ମାନସେ / ଦାନକର ବଦନ ମଧୁପାନେ ।" ଏହାକୁ ବି ଗାଇଲେ ଅଧ୍ୟାପକ ନୀଳକଣ୍ଠ ସିଂ । ଗୀତଟିର ରାଗ-ଦେଶ ବରାଡ଼ି, ତାଳ ଅଷ୍ଟତାଳୀ – ଅଷ୍ଟତାଳୀ ବା ଆଠତାଳୀ । ଓଡ଼ିଆ ଭିନ୍ନ ଭାରତର ଅନ୍ୟତ୍ର କୁତ୍ରାପି ଏ ଧାରା ପ୍ରଚଳିତ ନୁହେଁ । ଏହି ତାଳ ଗୀତଗୋବିନ୍ଦରେ ନିର୍ଦ୍ଦେଶିତ । ସେଦିନ କାଳୀଚରଣ ତାଳ, ମାତ୍ରା, ଉକୁଟ ସହ ପରିଷ୍କାର ବୁଝାଇଦେଲେ । ଗୀତଗୋବିନ୍ଦର କବି ଜୟଦେବ, ଜଣେ ଓଡ଼ିଆ, ଏକଥାକୁ ସାବ୍ୟସ୍ତ କରିଦେଲେ ।

କାଳୀଚରଣଙ୍କ ଚହଲା ସ୍ମୃତି ଏବେ ବାଟବଣା । ଦିନ ସଅଳ ସଅଳ ଚାଲିଗଲା । ସେଇ ଅଜଣା କୁମ୍ଭାରର ନିର୍ଦ୍ଦେଶ । ସଙ୍ଗୀତ-ନାଟକ-ନୃତ୍ୟ, ପ୍ରତିଟିରେ ତାଙ୍କ ଦାନ ସ୍ମରଣଯୋଗ୍ୟ । ଏଇ ପ୍ରଥିତ ଯଶାଙ୍କୁ ବହୁ ସମ୍ମାନ ମିଳିଲା । ଗଜପତି ରାମଚନ୍ଦ୍ର ଦେବ ବିଭୂଷିତ କଲେ 'କବିଚନ୍ଦ୍ର' ଉପାଧିରେ । ବହୁ ଅନୁଷ୍ଠାନରେ ସେ ସମ୍ବର୍ଦ୍ଧିତ । ଉତ୍କଳ ସାହିତ୍ୟ ସମାଜ 'ନାଟ୍ୟାଚାର୍ଯ୍ୟ', ଉପାଧି ଦେଲେ । ୧୯୭୪ ମସିହା, ଜାନୁୟାରୀ ୨୬ ତାରିଖ । ସକାଳୁ ସକାଳୁ କଟକ ଆକାଶବାଣୀରୁ ଭାସି ଆସିଲା ଖବରଟେ । ସତ୍ୟନାରାୟଣ ରାଜଗୁରୁ, କେଳୁଚରଣ ମହାପାତ୍ର, କାଳୀଚରଣ ପଟ୍ଟନାୟକ । ଏମାନେ ମନୋନୀତ । ପାଇବେ 'ପଦ୍ମଶ୍ରୀ ପୁରସ୍କାର' । ଅଭିନନ୍ଦନର ସୁଅ ଛୁଟିଲା । ସେତେବେଳର ଗୃହମନ୍ତ୍ରୀ ଏନ୍.କେ. ମୁଖାର୍ଜୀ । ଟେଲିଗ୍ରାମଟେ ପଠାଇଲେ – "ଆଇ ଅଫର ମାଇଁ କଂଗ୍ରାଚୁଲେସନ୍‌ସ ଅନ୍ ଦି ଆୱାର୍ଡ଼ ଅଫ୍ ପଦ୍ମଶ୍ରୀ ଟୁ ୟୁ ବାଇ ଦି ପ୍ରେସିଡ଼େଂଟ, ରିଗାର୍ଡ଼ସ ।" ତାର ବାର୍ତ୍ତାରେ ଏହା ଉଲ୍ଲେଖ ଥିଲା । ପୁରୁଣା ଦିନ ଡାଏରୀ ଆଡ଼େଇଲେ । କାଳୀଚରଣ ପାଇଲେ ତଥ୍ୟଟେ । ତା ୨୧.୧୦.୧୯୬୪ ରିଖ । କଟକ କିଲଟରସାହେବ କାଳୀଚରଣଙ୍କୁ ପଦ୍ମଶ୍ରୀ ଉପାଧି ଦେବା ପାଇଁ ପ୍ରସ୍ତାବ ରଖିଥିଲେ । ଚିଠିଟିଏ ବି ଏ ମର୍ମରେ ପଠାଇଥିଲେ । ସେଇଟି ରହିଗଲା ନାଲିଫିତା ତଳେ । ୧୦ ବର୍ଷ ଗଡ଼ିଗଲା । ଏବେ ବୃଦ୍ଧ କାଳେ ବାଲ୍ୟଲୀଳା । ପଦ୍ମଶ୍ରୀ ସମ୍ବନ୍ଧେ ଗୃହ ସଚିବ, ମିନିଷ୍ଟର ଇନ୍‌ଫରମେସନ୍ ଏଣ୍ଡ ବ୍ରଡ୍‌କାଷ୍ଟିଂ ଚିଠିଟେ ପଠାଇଲେ । କାଳୀଚରଣ ନିର୍ବିକାର । ଉତ୍ସାହ ମୋଟେ ନ ଥିଲା । ସେମାନଙ୍କ ନିକଟକୁ ଉତ୍ତର ଲେଖିଲେ । ଚିଠିଟି ଥିଲା ଇଂରାଜୀରେ । ମୁଁ ବୟସର ଶେଷ ସୋପାନରେ (୭୫ ବର୍ଷ) । ସାରା ଜୀବନ ଓଡ଼ିଶାର କଳା-ସାହିତ୍ୟ-ସଂସ୍କୃତି ପ୍ରତି ଉତ୍ସର୍ଗୀକୃତ । ବିଶେଷକରି ଓଡ଼ିଶୀ ନୃତ୍ୟ, ଗୀତ, ନାଟକକୁ ଲୋକପ୍ରିୟ କରାଇଲି । ଦେଶବାସୀ କବିଚନ୍ଦ୍ର, ନାଟ୍ୟାଚାର୍ଯ୍ୟ ସମ୍ବୋଧନ କରି ଆସୁଅଛନ୍ତି । କେନ୍ଦ୍ର ସଙ୍ଗୀତ ନାଟକ ଅକାଦମୀ ୧୯୬୮ରେ ଭାରତର 'ରତ୍ନ ସଦସ୍ୟ' ଉପାଧିରେ ସମ୍ବର୍ଦ୍ଧିତ କରିଛି । ଏପରି ସ୍ଥଳେ, ରାଜ୍ୟ ସରକାର ଅବା ମହାମାନ୍ୟ ରାଷ୍ଟ୍ରପତିଙ୍କ ସମ୍ମାନ, ତାହା ପୁଣି ବୁଢ଼ା ବୟସରେ, ସମ୍ପୂର୍ଣ୍ଣ ଅନାବଶ୍ୟକ ମନେ ହୁଏ । ଏଭଳି 'ରାଷ୍ଟ୍ରୀୟ ସମ୍ମାନ' ପ୍ରତ୍ୟାଖ୍ୟାନ ପାଇଁ କ୍ଷମା ପ୍ରକାଶ କରୁଅଛି । ଏହି ସବୁ କଥା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇଦେବାକୁ ନିବେଦନ । ଧନ୍ୟବାଦ । କାଳୀଚରଣଙ୍କ ଚିଠିଟିର ଏହା ଓଡ଼ିଆ ଅନୁବାଦ ।

ଅତି ବିନୟର ସହ 'ପଦ୍ମଶ୍ରୀ' ଉପାଧିକୁ ତୁଚ୍ଛ କଲେ କାଳୀଚରଣ । ୧୯୭୪, ନଭେମ୍ବର ୨୭ ତାରିଖ । ଦୈନିକ ସମ୍ବାଦପତ୍ର 'ପ୍ରଜାତନ୍ତ୍ର', କଟକ ଆକାଶବାଣୀ; ଖବରଟେ ପ୍ରସାର କଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ହେବ । ଏଥିରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ସହିତ କାଳୀଚରଣ ପଟ୍ଟନାୟକଙ୍କୁ ଅନରାରୀ ଡକ୍ଟରେଟ୍ ଦିଆଯିବ । ଉକ୍ତ ଉପାଧିକୁ କାଳୀଚରଣ ସସମ୍ମାନେ ଗ୍ରହଣ କଲେ । ପଦ୍ମଶ୍ରୀ ଉପାଧି ପ୍ରତ୍ୟାଖ୍ୟାନ, ଡକ୍ଟରେଟ୍ ଗ୍ରହଣ । କାନକୁହା କେଇଜଣ ନାକ ଟେକିଲେ । ନାନାଦି ଅପପ୍ରଚାର ଚଳାଇଲେ । କାଳୀଚରଣ ଏ ସମ୍ପର୍କରେ ସଫେଇ ଥିଲା – "ମୋର ବୟସ, ପରିସ୍ଥିତି, ପରିବେଶ ଇତ୍ୟାଦି ବିଚାରରେ ପଦ୍ମଶ୍ରୀ ଉପାଧିକୁ ଦୂରଫିଙ୍ଗା କରିଛି ଆଉ ମୋ ଭାଇଘରର ଆଦର ପରଶା ଶାଗ ପଖାଳକୁ ଆନନ୍ଦରେ ଆଦରି ନେଇଛି । ଏଥିରେ କ'ଣ ଭୁଲ କଲି ? ସହୃଦୟ ପାଠକ ପାଠିକାଙ୍କ ବିଜ୍ଞ ବିଚାର ତଳେ ମୁଁ ମଥା ନୁଆଁଇବାକୁ ରାଜି ।"

କାଳୀଚରଣ ଜଣେ ନିରୋଳା କଳାକାର । ସେ ଉପାଧି ଲାଳସା ମହାବ୍ୟାଧିରେ ପୀଡ଼ିତ ନଥିଲେ । ଅଧୁନା ଉପାଧି ରୋଗ ନଖଠାରୁ ଶିଖଯାଏ ଗ୍ରାସ କଲାଣି । ସବୁଠି ପ୍ରତିଯୋଗିତା । ଧରାଧରି, ମାରପେଂଚ କଥା । ଏପରି କି କଥା ନ୍ୟାୟାଳୟ ଯାଏଁ ଯାଉଛି । 'ନୋବେଲ' ପୃଥିବୀର ସର୍ବୋଚ୍ଚ ପୁରସ୍କାର । ଯାକୁ ନେଇ ବି ବାଦ ବିସମ୍ବାଦ । ଶିଳ ଶିଳପୁଆ ଗଗନ ଉଡ଼ିଲେଣି, ଶିମିଳି ତୁଳା ବା କିବା ଛାର ? ଯୋଗ୍ୟ ଲୋକକୁ ଉପାଧି ମିଳୁ ହେଲେ ଠିକ୍ ସମୟରେ ପାଇବାଟା ଗୁରୁତ୍ୱପୂର୍ଣ୍ଣ । ବୃଦ୍ଧକାଳେ ଅବା ପରଲୋକ ଗମନ ପରେ, ଉପାଧି ବା କି ଲୋଡ଼ା ? କବିଚନ୍ଦ୍ର, ନାଟ୍ୟାଚାର୍ଯ୍ୟ, ଡକ୍ଟର କାଳୀଚରଣ – ଏ କଥାଟି ମର୍ମେ ମର୍ମେ ବୁଝିଥିଲେ । 'ପଦ୍ମଶ୍ରୀ' ପ୍ରତ୍ୟାଖ୍ୟାନ ତାଙ୍କର ଅହମିକା ନୁହେଁ; ସଚେତନତା ସୃଷ୍ଟି ପାଇଁ ତାହା ଏକ ନମ୍ର ପରାମର୍ଶ ମାତ୍ର ।

ଭାଗ୍ୟ, ମଣିଷ – ଉଭୟଙ୍କ ଦ୍ୱାରା ପରାଜିତ ଫଟାକପାଳିଆ କାଳୀଚରଣ । ତଥାପି ସେଇ ଅଦୃଶ୍ୟ କୁମ୍ଭାର । ସବୁ ତା'ର ଇଚ୍ଛା । 'କୁମ୍ଭାର ଚକ' ଲେଖିଦେଇ ସ୍ରଷ୍ଟା ମେଲାଣି ମାଗିଛନ୍ତି । ନେଇଛନ୍ତି ମଧ୍ୟ । ସମ୍ପୂର୍ଣ୍ଣ ହେଇଛି ଆତ୍ମଲିପି 'କୁମ୍ଭାରଚକ' । ସତରେ ! "ଯାହା କରିବେ ସାଇଁ / ତା' କାହାରି ହାତରେ ନାଇଁ ।"

# ପରିବେଶ ପ୍ରଦୂଷଣର ଭୟାବହତା



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ପରିବେଶ ପ୍ରଦୂଷଣ ଆଜି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଯାହା ଫଳରେ ବିଶ୍ୱ ତାପାୟନ ବୃଦ୍ଧି ସହ ପାଣିପାଗରେ ଅସ୍ୱାଭାବିକ୍ ପରିବର୍ତ୍ତନ ଘଟୁଛି । ଏପରିକି ଋତୁ ଚକ୍ରରେ ମଧ୍ୟ ପରିବର୍ତ୍ତନ ଘଟିଚାଲିଛି । ଏଥିପାଇଁ ଶରତ, ହେମନ୍ତ, ବସନ୍ତ ହଜି ଯାଉଛି ଗ୍ରୀଷ୍ମର ପ୍ରକୋପ ଉପରେ । ବର୍ଷକରେ ଆଠ ମାସେ ତାତି ଲାଗି ରହୁଛି । ଏପରିକି ଫେବୃୟାରୀ ମାସରୁ ତାତି ଆରମ୍ଭ ହୋଇଯାଉଛି । ଆମେ ଜାଣିଛେ ଯେ ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ଜୀବଜଗତର ସ୍ଥିତି ନିର୍ଭର କରୁଛି । ଏକ ଆକଳନ ଅନୁସାରେ ପୃଥିବୀରେ ପ୍ରାୟେ ୪୦୦୦ ନିୟୁତ ହେକ୍ଟର ଜଙ୍ଗଲ ରହିଛି । ଏହା ସମଗ୍ର ଭୂ-ଭାଗର ୩୦ ଶତକଡ଼ା । ଏଥିରୁ ୬୨୫ ହେକ୍ଟର ବିଷୁବ ମଣ୍ଡଳୀୟ ଜଙ୍ଗଲ, ଯାହା ପୃଥିବୀରେ ବର୍ଷା କରାଇବାରେ ସାହାଯ୍ୟ କରେ । କିନ୍ତୁ ବର୍ତ୍ତମାନ ପ୍ରତି ବର୍ଷ ଜଙ୍ଗଲ ହ୍ରାସ ପାଇବାରେ ଲାଗିଛି । ଏହା ଆଗାମୀ ଦନରେ ବିଶ୍ୱ ପାଇଁ ବଳ ବିପଦକୁ ଡାକି ଆଣି ପାରେ ।

ନିକଟରେ ବାତ୍ୟା ଦାନାର ପ୍ରଭାବ ଟଳିଯାଇଛି । ତଥାପି ଏହା ଚାଷଜମି ପରିବା ଚାଷ, ଘରଦ୍ୱାର ନଷ୍ଟ କରିଦେଇଛି । ଅବଶ୍ୟ ଯାହା ଆଶଙ୍କା କରାଯାଉଥିଲା ଏହା ସେପରି ବିପର୍ଯ୍ୟୟ ସୃଷ୍ଟି କରିନଥିଲା । ହେନ୍ତାଳବନ ଯୋଗୁଁ ଏହାର ପ୍ରକୋପକୁ ପ୍ରତିହତ କରାଯାଇପାରିଛି । ତଥାପି କେଜାଣି କାହିଁକି ଅକ୍ଟୋବର ମାସ ଆସିଲେ ଓଡିଶାରେ ବାତ୍ୟାର ଭୟ ଆସେ । ସତେ ଯେମିତି ଲାଗୁଛି ବାତ୍ୟା ଓଡିଶାର ଚିର ସହଚର ପାଲଟିଛି । ବିଗତ ଦିନର ଘଟଣା ଗୁଡ଼ିକୁ ମନେ ପକାଇଲେ ଭୟଙ୍କର ଭୂମିକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଛି । ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟର ସ୍ମୃତି ଏବେବି ମନରୁ ଲିଭିନି । ସେହି ମହାପ୍ରଳୟର କଥା ମନେ ପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହରି ଆସେ । ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂମିକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ଆଗାମୀ ଦିନରେ ପ୍ରକୃତିର ଏହି କ୍ରୁର ରୂପ କିଭଳି ଆକାର ଧାରଣ କରିବ ତାହା ଆମ କଳ୍ପନାର ବାହାରେ । ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ । ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ମହାବାତ୍ୟା ଓ ଲଘୁଚାପ ସୃଷ୍ଟି ହେଲେ ସୁନାମି ଆସିବାର ଆଶଙ୍କା ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି । ଜଙ୍ଗଲ ଧ୍ୱଂସ ହିଁ ଏହାର ପ୍ରମୁଖ କାରଣ ରୂପେ ଉଭା ହୋଇଛି । ଫଳସ୍ୱରୂପ, ବିଶ୍ୱ ତାପାୟନ ବଢି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି, ଉତ୍ପାଦନ ବ୍ୟାହତ ହେଉଛି ଓ ସର୍ବୋପରି ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି ।

ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଋତୁ ଚକ୍ରରେ ପରିବର୍ତ୍ତନ ଦେଖାଦେଇଛି । ଛଅ ଋତୁ ଆଜି ସାତ ସପନ । ପୌଷ ଓ ମାଘର ହାଡ ଭଙ୍ଗା ଶୀତ ଆଉ ନାହିଁ । ଶୀତର ପ୍ରଭାବ ଢେର କମି ଗଲାଣି । ଗରମ ପୋଷାକ ଆଗ ଭଳି ଦରକାର ପଡୁନି । ବରଂ ଘରେ ଫ୍ୟାନ୍‌ର ଆବଶ୍ୟକତା ପଡୁଛି । ଫାଲ୍‌ଗୁନ-ଚୈତ୍ର ନା ଥାଏ ଖରା ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ହେମନ୍ତ ଓ ଶରତ ଋତୁର କଥା ନକହିବା ଭଲା ଗ୍ରୀଷ୍ମଋତୁର ଅବଧି ବଢି ବଢି ଚାଲିଛି । କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । ଘରେ ଗରମ ତ – ବାହାରେ ଅଗ୍ନିବର୍ଷା । ଅସହନୀୟ ହେଉଛି ଜୀବନ ଯାତ୍ରା । ଆଦ୍ୟ ଆଷାଢ଼ର ପହିଲି ବର୍ଷାର ମହକ ଆଉ ନାହିଁ । ସାରୁ ଗଛମୂଳରୁ ଶୁଭୁନି ବେଙ୍ଗର ରଡି । ଏବେ ମୌସୁମୀର ରହୁନି ଠିକଣା । ଧାରା ଶ୍ରାବଣ ହରାଇ ବସିଛି ତା'ର ପ୍ରାସଙ୍ଗିକତା ।

ବର୍ଷ ବର୍ଷ ଧରି ପ୍ରକୃତି ମାତା ଉପରେ ହୁମ୍‌ଦୁମ୍ ଚାଲିଛି । ମାଆ ଚପଳ ବାଳକର ହୁମ୍‌ଦୁମ୍ ସମ୍ଭାଳି ନିଏ । କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ବଡ ହୋଇଛି । ଏହାର ଜ୍ଞାନ ହୋଇଛି । ବିଜ୍ଞାନ ବଳରେ ଜଗତକୁ ଜିଣିବାର ପ୍ରୟାସ ଜାରି ରଖିଛି । କିନ୍ତୁ ଏସବୁ ସତ୍ତ୍ୱେ ସେ ଜାଣି ନ ଜାଣିଲା ପରି ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି । କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା ଓ ଜଙ୍ଗଲ । ମାତ୍ର ଦ୍ରୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁ ମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି । ଅଜ୍ଞାନ ବାଳକ ସିନା ଜାଣି ନ ଥିଲା, ହେଲେ ଏବର ବିଜ୍ଞାନୀପୁଅମାନେ ଭଲଭାବେ ଜାଣିଛନ୍ତିଯେ ପ୍ରକୃତିମାତା ସୁକୁମାର ଭାବେ ଗଢା । ଯଦି ପୃଥିବୀର ତାପମାତ୍ରା ଆଉ ୩ ଡିଗ୍ରୀ ବଢି ଚାଲେ ତାହେଲେ ମେରୁ ନିକଟରେ ଜମା ହୋଇ ଜଳବାୟୁକୁ ନିୟନ୍ତ୍ରଣ କରୁଥିବା ବରଫ ପାହାଡ ସବୁ ତରଳି ଯିବ । ଏପରି ଭାବେ ଯଦି ବରଫ ତରଳେ, ସମୁଦ୍ର ଜଳ ପତ୍ତନ ଆଉ ୧୫ ଫୁଟ୍ ବଢିଯିବ । ୧୫ ଫୁଟ୍ ତ ଦୂରର କଥା, ଜଳପତ୍ତନ ୩ ରୁ ୫ ଫୁଟ୍ ବଢିଗଲେ ସମଗ୍ର ବିଶ୍ୱ ପ୍ରଳୟରେ ଲୀନ ହେବ ! ସତରେ ଏକଥା ଆମେ କେବେ ବୁଝିବା କେଜାଣି ?

ବିଶ୍ୱ ପରିବେଶ ଏଭଳି ସଙ୍କଟ ଜନକ ପରିସ୍ଥିତିରେ ଗତି କରୁଥିବା ବେଳେ ଏହି କଥାକୁ ଆଖି ଆଗରେ ରଖି ମିଳିତ ଜାତିସଂଘ ୧୯୭୨ ମସିହାରେ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଇ ଆସୁଅଛି । ସେହିପରି ୧୯୭୧ ମସିହାରୁ ମାର୍ଚ୍ଚ ୨୧ତାରିଖକୁ ବିର୍ଷ ଜଙ୍ଗଲ ଦିବସ ରୂପେ ପାଳନ କରାଯାଉଛି । ଏବେ ଏହି ପ୍ଲାଷ୍ଟିକ ପ୍ରଦୂଷଣ ଆମ ଚିନ୍ତାକୁ ବହୁଗୁଣିତ କରିଛି । ଏବେ ପ୍ଲାଷ୍ଟିକ୍ ଓ ପ୍ଲାଷ୍ଟିକ ତିଆରି ପଦାର୍ଥ ସାରା ବିଶ୍ୱରେ ଆବର୍ଜନାର ପାହାଡ ସୃଷ୍ଟି କରିଛି ପୃଥିବୀର ସବୁଠାରୁ ଧନଶାଳୀ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ହେଉ ବା ଭାରତ ଓ ଚୀନପରି ଜନବହୁଳ ଦେଶ ହେଉ ସବୁଠି ପ୍ଲାଷ୍ଟିକ୍ ର ବହୁଳ ବ୍ୟବହାର । ବିଶ୍ୱ ପରିବେଶ ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପ୍ରଦୂଷଣର ଭୟଙ୍କରତା ସହ ପ୍ଲାଷ୍ଟିକ୍ ପ୍ରଦୂଷଣ ସମ୍ବନ୍ଧରେ ପ୍ରତ୍ୟେକ ଦେଶର ଜନସାଧାରଣଙ୍କୁ ସଚେତନ କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ସାରା ପୃଥିବୀରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି, ଏହାର ପ୍ରତିରୋଧ ପାଇଁ ଆଇନ୍ ପରେ ଆଇନ ତିଆରି ହେଉଛି । ମାତ୍ର ଏଥିରୁ ଆଶାଜନକ ସଫଳତା ମିଳୁନାହିଁ । ସେହିପରି ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରଣାଳୟ ଅଧୀନରେ ଆଉ ଏକ ପରିଷଦ ଅଛି ଜାତୀୟ ବନୀକରଣ ଓ ପରିବେଶ ବିକାଶ ପରିଷଦ । ମାତ୍ର ଏସବୁ ବ୍ୟବସ୍ଥା ସତ୍ତ୍ୱେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ନୁହେଁ ।

ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ । କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନ ଥିବ । ସେଗୁଡିକର ଶାଖା ମଧ କର୍ତ୍ତିତ । ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ୍ ହେବ ନାହିଁ । ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ । ଆମ ଦେଶରେ ମଧ୍ୟ ସେହିପରି ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମି, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢି ବଢି ଚାଲିଛି । ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କେବଳ ଧନଜୀବନ ନୁହେଁ ପଶୁପକ୍ଷୀଙ୍କର,ଅବସ୍ଥା ନକହିଲେ ଭଲ । ଏକ ଆକଳନ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ତାପମାତ୍ରା ପ୍ରାୟ ୫ଡିଗ୍ରୀ ସେଲସିଅସ୍ ବୃଦ୍ଧି ପାଇପାରେ । ଯାହାର ପ୍ରତିକୂଳ ପ୍ରଭାବ ପୃଥିବୀର ଏକ ଚତୁର୍ଥାଂଶ ଜନସଂଖ୍ୟା ଉପରେ ପଡିବାର ସମ୍ଭାବନା ରହିଛି ।

ପରିବେଶ ପ୍ରଦୂଷଣର ନିରାକରଣ ପାଇଁ ବ୍ୟାପକ ଭାବରେ ବୃକ୍ଷରୋପଣ, ସାମାଜିକ ବନୀକରଣ, ନୂତନ ଜଙ୍ଗଲ ସୃଷ୍ଟି ଉପରେ ଅଗ୍ରାଧିକାର ଦେବାକୁ ହେବ । ପରିବେଶ ସୁରକ୍ଷା ପାଇଁ ବିଶ୍ୱ ସ୍ତରରେ ଯେଉଁ ପ୍ରଚେଷ୍ଟା ଆରମ୍ଭ ହୋଇଛି ତାହା କେବଳ କୌଣସି ସଂଗଠନ ବା ପ୍ରତିଷ୍ଠାନ ଜରିଆରେ ସଂପୂର୍ଣ୍ଣ ସଫଳ ହେବା ଅସମ୍ଭବ । ବ୍ୟକ୍ତିର ସଚେତନତା ହିଁ ଏହାର ସଫଳତାର ଅସଲ ଚାବିକାଠି । ପରିବେଶକୁ ଭଲପାଉଥିବା ଓ ଏହାର ସୁରକ୍ଷା ପାଇଁ ଚିନ୍ତା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣିବା ଜରୁରୀ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଏଭଳି ଭୁଲ ବରଦାସ୍ତ କରାଯିବନି : ପ୍ରୀତିଜିଣ୍ଟା



**ନୂଆଦିଲ୍ଲୀ**

ରାଗରେ ନିଆଁବାଣ ହେଲେ ପଞ୍ଜାବ କିଙ୍ଗ୍ସ ମାଲିକାଣୀ ତଥା ଅଭିନେତ୍ରୀ ପ୍ରୀତି ଜିଣ୍ଟା। ଦିଲ୍ଲୀ ବିପକ୍ଷ ମ୍ୟାଚ ସମୟରେ ହୋଇଥିବା ଏକ ବଡ଼ ଭୁଲ ଯୋଗୁ ସେ ଚିହିଁକି ଉଠିଥିଲେ। ଏହା ପଛରେ ଦଳର ପରାଜୟ ଥିବା କୁହାଯାଉଥିଲେ ହେଁ ତାହା ଠିକ ନୁହେଁ । ପଞ୍ଜାବ ଇନିଂସର ୧୫ତମ ଓଭରରେ ଘଟିଥିବା ଏକ ଘଟଣା ଏହା ପଛରେ ରହିଛି।

୧୫ ଓଭରର ୫ମ ବଲରେ ଦିଲ୍ଲୀ କ୍ୟାପିଟାଲ୍ସ ବୋଲର ମୋହିତ ଶର୍ମାଙ୍କ ବଲ୍‌ରେ ପଞ୍ଜାବ ବ୍ୟାଟ୍ସମ୍ୟାନ ଶଶାଙ୍କ ସିଂ ବଡ଼ ଶଟ ଖେଳିବାକୁ ଚାହିଁଥିଲେ। ଏହା ଛକା ହେବ ବୋଲି ଆଶା କରାଯାଉଥିଲା। ହେଲେ କରନ ନାୟାର ରୋକିବାକୁ ଚେଷ୍ଟା କରିଥିଲେ। ଏସବୁରେ ତାଙ୍କ ଗୋଡ଼ କିନ୍ତୁ ବାଉଣ୍ଡ୍ରି ଲାଇନ୍‌କୁ ଛୁଇଁ ଦେଇଥିଲା। କରନ ଏହାକୁ ଛକା କହିଥିଲେ ହେଁ ମାମଲା ଥାର୍ଡ ଅମ୍ପାୟାର ନିକଟରେ ପହଞ୍ଚିଥିଲା। ପରେ ଅମ୍ପାୟାର ଏହା ଛକା ନୁହେଁ ବୋଲି କହିଥିଲେ। ଫଳରେ ପଞ୍ଜାବକୁ ୬ ବଦଳରେ ୧ ରନ ମିଳିଥିଲା।

ପଞ୍ଜାବ ସହ ହୋଇଥିବା ଅନ୍ୟାୟକୁ ନେଇ ପ୍ରୀତି ଜିଣ୍ଟା ମ୍ୟାଚ ପରେ ହଙ୍ଗାମା କରିଥିଲେ। ଏଭଳି ଭୁଲ ପାଇଁ ଆଇପିଏଲ୍‌ରେ କୌଣସି ସ୍ଥାନ ରହିବା ଉଚିତ ନୁହେଁ ବୋଲି ସେ କହିଥିଲେ। ନିଜର ଏକ୍ସରେ ସେ ଲେଖିଛନ୍ତି, ଆଇପିଏଲ ଭଳି ହାଇ ପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟରେ, ଏତେ ସବୁ ଟେକ୍ନୋଲୋଜି ଥିବା ସତ୍ତ୍ୱେ ଥାର୍ଡ ଅମ୍ପାୟାର ଏତେ ବଡ଼ ଭୁଲ କରିବା ବରଦାସ୍ତ କରାଯିବ ନାହିଁ । ଏଭଳି ହେବା ଉଚିତ ନୁହେଁ । ଖେଳ ଶେଷ ହେବା ପରେ କରନ ତାଙ୍କୁ ଛକା ହୋଇଥିବା ସ୍ପଷ୍ଟ କରିଥିବା ସେ କହିଥିଲେ।

କହିବାକୁ ଗଲେ ଦିଲ୍ଲୀ କ୍ୟାପିଟାଲ୍ସ ଏହି ମୁକାବିଲା ଜିତି ନେଇଥିଲା। ଥାର୍ଡ ଅମ୍ପାୟାର ଭୁଲ କରି ନ ଥିଲେ। ପଞ୍ଜାବର ବିଜୟ ସମ୍ଭାବନା ଏହି ମ୍ୟାଚ୍‌ରେ ଅଧିକ ଥିଲା ହେଲେ ଥାର୍ଡ ଅମ୍ପାୟାରର ଗୋଟିଏ ନିଷ୍ପତ୍ତି ଯୋଗୁ ପଞ୍ଜାବ ଟପ ୨ରେ ପହଞ୍ଚିବ କି ନାହିଁ ସେ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି।

# ଶେଷ ମ୍ୟାଚରେ ବଡ଼ ବିଜୟ ସହିତ ବିଦାୟ ନେଲା ଚେନ୍ନାଇ

**ଅହମଦାବାଦ**




ଚେନ୍ନାଇ ସୁପର କିଙ୍ଗ୍ସ ଆଇପିଏଲ ୨୦୨୫ ଅଭିଯାନକୁ ଏକ ଜୋରଦାର ବିଜୟ ସହିତ ଶେଷ କରିଛି । ଗୁଜରାଟ ଟାଇଟାନ୍ସକୁ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ୮୩ ରନରେ ପରାସ୍ତ କରି ଏହି ଜୋରଦାର ବିଜୟ ସତ୍ତ୍ୱେ, ୫ ଥର ଚାମ୍ପିୟନ ସିଏସକେ ଆଇପିଏଲ ଇତିହାସରେ ପ୍ରଥମ ଥର ପାଇଁ ପଏଣ୍ଟ ଟେବୁଲରେ ୧୦ମ ସ୍ଥାନରେ ରହି ସିଜିନ ଶେଷ କରିଛି।

ଏହି ମ୍ୟାଚରେ ସିଏସକେ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦେୱାଲ୍ଡ ବ୍ରେଭିସ, ଡେଭନ କନଙ୍କେ ଦ୍ରୁତ ଅର୍ଦ୍ଧଶତକ, ଆୟୁଷ ମହାତ୍ରେଙ୍କର ବିସ୍ଫୋରକ ୩୪ ଏବଂ ଶିବମ ଦୁବେ, ରବିନ୍ଦ୍ର ଜାଡେଜା ଓ ଉର୍ଭିଲ ପଟେଲଙ୍କ ଦମଦାର ପ୍ରଦର୍ଶନ ସିଏସକେକୁ ଏକ ଶକ୍ତିଶାଳୀ ସ୍କୋର ତିଆରି କରିବାରେ ସହାୟକ ହୋଇଥିଲା। ଗୁଜରାଟର ପ୍ରସିଦ୍ଧ କ୍ରିଷ୍ଣା ମାତ୍ର ୨୨ ରନ ଦେଇ ୨ ଗୁରୁତ୍ୱପୂର୍ଣ୍ଣ ୱିକେଟ ନେଇ ବୋଲିଂରେ ଆଲୋକପାତ କରିଥିଲେ, କିନ୍ତୁ ସିଏସକେର ବ୍ୟାଟିଂ ଆକ୍ରମଣକୁ ଅଟକାଇ ପାରି ନଥିଲେ।

ଚେନ୍ନାଇ ଏକ ବଡ଼ ସ୍କୋର ଛିଡା କରିଥିଲା, ଯାହା ଗୁଜରାଟ ଟାଇଟାନ୍ସ ପାଇଁ ପିଛା କରିବା କଷ୍ଟକର ହୋଇ ପଡ଼ିଥିଲା। ଗୁଜରାଟର ବ୍ୟାଟିଂ ଲାଇନଅପ ସିଏସକେର ବୋଲରଙ୍କ ସାମନାରେ ଅସହାୟ ଦେଖାଯାଇଥିଲା। ନୁର ଅହମଦ ଏବଂ ଅନ୍‌ଶୁଲ କମ୍ବୋଜ ୩ଟି ଲେଖାଏ ଉଇକେଟ ନେଇ ଗୁଜରାଟକୁ ମାତ୍ର ୧୪୭ ରନରେ ଅଲଆଉଟ କରିଥିଲେ।

ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଆଇପିଏଲ ୨୦୨୫ ଏକ ନିରାଶାଜନକ ସିଜିନ ଥିଲା। ୧୨ ମ୍ୟାଚରୁ ମାତ୍ର ୩ଟି ଜିତି ସେମାନେ ୬ ପଏଣ୍ଟ ସହିତ ପଏଣ୍ଟ ଟେବୁଲରେ ଶେଷ ସ୍ଥାନରେ ରହିଥିଲେ, ଯାହାର ନେଟ ରନ ରେଟ -୦.୯୯୨ ଥିଲା। ଏହା ସିଏସକେର ଇତିହାସରେ ସବୁଠାରୁ ଖରାପ ପ୍ରଦର୍ଶନ ମଧ୍ୟରୁ ଗୋଟିଏ। ଚେପକରେ ଘରୋଇ ମାଟିରେ ପାଞ୍ଚଟି ମ୍ୟାଚ ହାରିଥିଲା।

ଏହି ମ୍ୟାଚରେ ସମସ୍ତଙ୍କ ନଜର ଥିଲା ଏମଏସ ଧୋନୀଙ୍କ ଉପରେ, ଯିଏଙ୍କ ପାଇଁ ଏହା ଶେଷ ଆଇପିଏଲ ହୋଇପାରେ ବୋଲି ଅନୁମାନ କରାଯାଉଛି । ଧୋନୀଙ୍କ ଏକ ଛକା ଦର୍ଶକଙ୍କୁ ଉତ୍ସାହିତ କରିଥିଲା, କିନ୍ତୁ ତାଙ୍କ ଅବସର ସମ୍ପର୍କିତ କୌଣସି ଘୋଷଣା ଏପର୍ଯ୍ୟନ୍ତ ହୋଇ ନାହିଁ । ସେ କହିଛନ୍ତି ଯେ ଆଇପିଏଲ ଶେଷ ହେବା ପରେ ସେ ତାଙ୍କ ଶରୀରର ସାମର୍ଥ୍ୟ ଅନୁଯାୟୀ ଆଗାମୀ ୬-୮ ମାସ କଠିନ ପରିଶ୍ରମ କରି ନିଷ୍ପତ୍ତି ନେବେ।

ଏହି ପରାଜୟ ଗୁଜରାଟ ଟାଇଟାନ୍ସକୁ ପଏଣ୍ଟ ଟେବୁଲରେ ଶୀର୍ଷ ଦୁଇ ସ୍ଥାନରୁ ବଞ୍ଚିତ କରିଛି। ୧୩ ମ୍ୟାଚରୁ ୧୮ ପଏଣ୍ଟ ସହିତ ଜିଟି ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଥିଲେ ହେଁ, ଏହି ବଡ଼ ପରାଜୟ ସେମାନଙ୍କୁ ଏଲିମିନେଟର ଖେଳିବାକୁ ବାଧ କରିପାରେ। ରଶିଦ ଖାନଙ୍କ ଖରାପ ଫର୍ମ (ଏହି ସିଜିନରେ ସେ ନିଜର ସବୁଠାରୁ ଖରାପ ପ୍ରଦର୍ଶନ କରିଛନ୍ତି) ଏବଂ ବ୍ୟାଟିଂ ବିଫଳତା ଜିଟି ପାଇଁ ଚିନ୍ତାର କାରଣ ହୋଇଛି।

ଚେନ୍ନାଇ ସୁପର କିଙ୍ଗ୍ସର ଏହି ସିଜିନ ନିରାଶାଜନକ ହୋଇଥିଲେ ମଧ୍ୟ, ଏହି ବିଜୟ ସେମାନଙ୍କ ପାଇଁ ଏକ ସକାରାତ୍ମକ ନୋଟ ଯୋଗାଇଛି। ଦଳର ତାରକା ଖେଳାଳି ଏବଂ ପ୍ରଶଂସକମାନେ ଆଗାମୀ ସିଜିନରେ ଏକ ଦୃଢ଼ ପ୍ରତ୍ୟାବର୍ତ୍ତନର ଆଶା ରଖିଛନ୍ତି। ସିଏସକେର ପ୍ରଶଂସକମାନେ ଏମଏସ ଧୋନୀଙ୍କ ନେତୃତ୍ୱରେ ଆଗାମୀ ଆଇପିଏଲ ୨୦୨୬ରେ ଦଳର ପୁନରୁତ୍ଥାନ ଦେଖିବାକୁ ଆଶାବାଦୀ।

# ଶେଷ ଥର ପାଇଁ ଖେଳିବେ ଧୋନୀ

**ନୂଆଦିଲ୍ଲୀ**

ପୂର୍ବତନ ଟିମ ଇଣ୍ଡିଆ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୨୦୧୯ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ହେଲେ ସେ ଇଣ୍ଡିଆନ ପ୍ରିମିୟର ଲିଗରେ ଖେଳିବା ଜାରି ରଖିଥିଲେ। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ, ତାଙ୍କୁ ଅନେକ ଥର ପଚରାଯାଇଥିଲା ଯେ ସେ କେବେ ଆଇପିଏଲ୍‌ରୁ ଅବସର ନେଉଛନ୍ତି। କିନ୍ତୁ ସେ କେବେବି ଏହାର ସିଧାସଳଖ ଉତ୍ତର ଦେଇ ନଥିଲେ। ୨୦୨୩ ଏବଂ ୨୦୨୪ ସିଜିନରେ, ପ୍ରଶଂସକମାନେ ଭାବିଥିଲେ ଯେ ସେ ମଧ୍ୟ ଆଇପିଏଲ୍‌କୁ ବିଦାୟ ଦେବେ କିନ୍ତୁ ସେ ଏପରି କରି ନ ଥିଲେ। କିନ୍ତୁ ଏବେ ତାଙ୍କ କ୍ୟାରିଅର ମଧ୍ୟ ଆଇପିଏଲ୍-୨୦୨୫ ସହିତ ଶେଷ ହୋଇଯିବ ବୋଲି କୁହାଯାଉଛି । ସେ ୨୫ ମଇରେ ଅହମ୍ମଦାବାଦରେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଆଇପିଏଲ୍‌ର ଶେଷ ମ୍ୟାଚ ଖେଳିପାରନ୍ତି।

ପୂର୍ବତନ ଭାରତୀୟ ଖେଳାଳି ମହମ୍ମଦ କୈଫ ମ୍ୟାଚ୍‌କୁ ଏକ ଉତ୍ସବ ପରି ପାଳନ କରିବାକୁ ପ୍ରଶଂସକମାନଙ୍କୁ ଅନୁରୋଧ କରିଛନ୍ତି। ତାଙ୍କ ମତରେ, ଏମ୍‌ଏସ ଧୋନୀ ଅଧିନାୟକ ଏବଂ ଖେଳାଳି ଭାବରେ ଶେଷ ଥର ପାଇଁ ପଡ଼ିଆକୁ ଓହ୍ଲାଇପାରନ୍ତି।

ଆପଣଙ୍କୁ କହି ରଖୁଛୁ ଯେ ଏହି ମ୍ୟାଚ ଚେନ୍ନାଇ ସୁପର କିଙ୍ଗ୍ସର ଏହି ସିଜିନର ଶେଷ ମ୍ୟାଚ୍। କୈଫ କହିଛନ୍ତି, ପ୍ରଶଂସକମାନେ ସିଏସ୍‌କେ ଏବଂ ଜିଟି ମଧ୍ୟରେ ମ୍ୟାଚକୁ ଏକ ଉତ୍ସବ ପରି ପାଳନ କରିବା ଉଚିତ, କାରଣ ଏହା ଧୋନିଙ୍କର ଶେଷ ମ୍ୟାଚ ହୋଇପାରେ। ସେ ଅଧିନାୟକ ଏବଂ ଖେଳାଳି ଭାବରେ ଶେଷ ଥର ପାଇଁ ପଡ଼ିଆକୁ ଓହ୍ଲାଇବେ। ତାଙ୍କୁ ପ୍ରେମ ଦିଅ ଏବଂ ଷ୍ଟାଡିୟମକୁ ହଳଦିଆ ରଙ୍ଗ କର।

କୈଫ ଆହୁରି କହିଛନ୍ତି, ସେ ଶେଷ ମ୍ୟାଚ ଜିତିବାକୁ ଚାହାଁନ୍ତି । ସିଏସ୍‌କେ ହେଉଛି ଧୋନୀ ଏବଂ ଧୋନୀ ହେଉଛନ୍ତି ସିଏସ୍‌କେ। ୮ ମାସ କ୍ରିକେଟରୁ ଦୂରରେ ରହିବା ପରେ ୩ ମାସ ଖେଳିବା କଷ୍ଟକର। ଧୋନି ଏହି ବର୍ଷ ଏହା ବୁଝିପାରିଛନ୍ତି ତଥାପି, ଧୋନୀ ଏପରି କୌଣସି ସରକାରୀ ବୟାନ ଦେଇନାହାନ୍ତି । ସେ ସିଜିନ ଆରମ୍ଭରେ କିଛି ସାକ୍ଷାତକାରରେ କହିଥିଲେ ଯେ ଆସନ୍ତା ବର୍ଷ ସୁଦ୍ଧା ତାଙ୍କ ଶରୀର କିପରି ଅଛି ତାହା ସେ ଦେଖିବେ ତାପରେ ହିଁ ସେ ନିଷ୍ପତ୍ତି ନେବେ ଯେ ସେ ଖେଳିବେ କି ନାହିଁ।



# ଜାତି ଭିତ୍ତିକ ଜନ ଗଣନା ଜରୁରୀ : ସାଂସଦ ଭର୍ତ୍ତୃହରି

**କଟକ : ନ୍ୟୁଜ୍‌ବ୍ୟୁରୋ**

ଜାତି ଭିତ୍ତିକ ଜନ ଗଣନା ଦ୍ୱାରା ଅନେକ ଦ୍ୱନ୍ଦ୍ୱ ଦୂର ହେବ। ଏହା କହିଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ। ଯେହେତୁ ଜାତି ଆଧାରରେ ରାଜ୍ୟ ଏବଂ କେନ୍ଦ୍ର ନିଜ ନିଜ ସ୍ତରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି, ଏହା ଅନେକ ସମୟରେ ସମସ୍ୟା ସୃଷ୍ଟି କରୁଛି। ବେଳେ ବେଳେ ଜାତିକୁ ନେଇ ପ୍ରସ୍ତୁତ ହୋଇଥିବା ସରକାରୀ ତାଲିକାକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ରହୁଛି। ଆଗକୁ ସେଭଳି ସମସ୍ୟା ଦୂର କରିବା ଲାଗି ଜାତି ଭିତ୍ତିକ ଜନ ଗଣନା ହେବା ଜରୁରୀ ଥିଲା ବୋଲି କହିଛନ୍ତି ଦେଉଛନ୍ତି ଭର୍ତ୍ତୃହରି। ସୂଚନାଯୋଗ୍ୟ, ଦେଶରେ ଦୀର୍ଘ ବର୍ଷ ଧରି ଜାତିଗତ ଜନଗଣନା ନେଇ ରାଜନୀତି ଚାଲି ଆସିଛି। ଏପ୍ରିଲ ମାସ ଶେଷ ଆଡ଼କୁ କେନ୍ଦ୍ର ସରକାର ଦେଶରେ ଜାତିଗତ ଜଣଗଣନା କରିବେ ବୋଲି ବଡ଼ ଘୋଷଣା କରିଛନ୍ତି। କେନ୍ଦ୍ରର ଏହି ଘୋଷଣା ପରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଶ୍ରେୟ ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। କଂଗ୍ରେସ ନିଜ ସରକାର ଅମଳରେ ଜାତିଗତ ଗଣନାକୁ ସମର୍ଥନ କରିଥିଲେ ବି ଏହାକୁ ଲାଗୁ କରି ପାରି ନଥିଲା।

# ପ୍ରଶାସନ ଦ୍ୱାରା 'ଗାଁ ଆମ୍ବ ପସରା'ର ଶୁଭାରମ୍ଭ

**ରାଉରକେଲା : ନ୍ୟୁଜ୍‌ବ୍ୟୁରୋ**

ଆମ୍ବ ବିକ୍ରୟକୁ ପ୍ରୋତ୍ସାହନ ଯୋଗାଇବା ତଥା ମହିଳା ଚାଷୀ ମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ରବିବାର 'ଗାଁ ଆମ୍ବ ପସରା' ବା 'ମେଙ୍ଗୋ ଅନ୍ ହ୍ୱିଲ୍ସ' କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି। ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟଓ୍ୱାନ ମହାଜନ ରବିବାର ବିକାଶ ଭବନ ପରିସରରୁ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।




ଏଥିରେ ବିଭିନ୍ନ କିସମର ଆମ୍ବ, ସପୁରୀ , ଲିଚୁ ଆଦି ଉପଲବ୍ଧ ହେଉଅଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ମହାଜନ ଲେଫ୍ରିପଡ଼ା ଏବଂ ନୂଆଗାଁ ବ୍ଲକ ର କୃଷକ ଉତ୍ପାଦକ ସଂଘର ସଦସ୍ୟଙ୍କୁ ସେମାନଙ୍କର ଅମଳ କ୍ଷମତା ବୃଦ୍ଧି କରିବା ପାଇଁ ଆଧୁନିକ ଆମ୍ବ ତୋଳା ମେସିନ୍ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଲେଫ୍ରିପଡ଼ା ଏବଂ ନୂଆଗାଁ କୃଷକ ଉତ୍ପାଦକ ସଂଘ ମହିଳା ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଆମ୍ବ ଏବେ ସୁନ୍ଦରଗଡ଼ ଏବଂ ରାଉରକେଲାରେ ବିଭିନ୍ନ ପ୍ରଦର୍ଶନୀ ମାଧ୍ୟମରେ ବିକ୍ରି ହେଉଛି। ପ୍ରଶାସନର ଏହି ପଦକ୍ଷେପ ମହିଳା ଚାଷୀମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ସହ ସ୍ଥାନୀୟ ଉତ୍ପାଦକୁ ବଜାରକୁ ଆଣିବା କ୍ଷେତ୍ରରେ ବିଶେଷ ସହାୟକ ହେବ । କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ଓରମାସର ଉପକାର୍ଯ୍ୟନିର୍ବାହୀ ଅଧିକାରୀ କେଶବ ଝା, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ଏବଂ ଆମ୍ବ,ସପୁରୀ ଏବଂ ଲିଚୁ କ୍ରୟ କରିଥିଲେ।

# ମାଲବାହୀ ଟ୍ରେନ ଧକ୍କାରେ ମହିଳା ଗୁରୁତର

**ନନ୍ଦପୁର : ନ୍ୟୁଜ୍‌ବ୍ୟୁରୋ**

ନନ୍ଦପୁର ମାଲବାହୀ ଟ୍ରେନ ରେ ପିଟି ହୋଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି ମହିଳା ଜଣକ ହେଲେ ଡାହାଣ ହାତ କଟି ଗୁରୁତର ଅବସ୍ଥାରେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି ହୋଇଥିବା ଘଟଣା ଅଞ୍ଚଳରେ ଶୋକା କୂଳ ପରିବେଶ ସୃଷ୍ଟି କରିଛି । ସୂଚିତ ଯେ ଶନିବାର ମଧ୍ୟାହ୍ନ ସମୟରେ ଭେଜା ରେଳ ଷ୍ଟେସନ ଠାରୁ ମାତ୍ର ଦୁଇ କିମି ନିକଟ ବାଲଡ଼ା ରେଳ ଫାଟକ ନିକଟରେ ମାଲବାହୀ ଟ୍ରେନ ଉପରେ ପିଟି ହୋଇ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ମହିଳାଙ୍କ ଡାହାଣ ହାତ କଟି ଯାଇଥିବା ବେଳେ ଟ୍ରେନ ଟି ଧିମି ଗତିରେ ଥିବା ଯୋଗୁ ମହିଳା ଙ୍କ ପ୍ରାଣ ବଞ୍ଚିଯାଇଛି । ସୂଚନା ମିଳିଛି ଏହି ଘଟଣା ପରେ ଖବର ପାଇ ଭେଜା ରେଳ ଷ୍ଟେସନ ମୁଖ୍ୟ କନେଷ୍ଟବଳ ୟ ଏସ ରାଓ ସ୍ଥାନୀୟ ଯୁବକ ଙ୍କ ସହାୟତା ରେ ୧୦୮ ଆମ୍ବୁଲାନ୍ସ କୁ ଫୋନ୍ କରି ଗୁରୁତର ମହିଳାଙ୍କୁ ଉଦ୍ଧାର କରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ମହିଳାଙ୍କ ନାମ ଦସୁଧା ଖରା ବୟସ ୩୪ବର୍ଷ ଗ୍ରାମ ବା ଗ୍ରା ଗୁଡା କସନ୍ଧି ଗ୍ରାମ ପଞ୍ଚାୟତ ବୋଲି ଜଣାପଡିଛି । ମିଳିଥିବା ଖବର ଅନୁସାରେ ଗୁରୁତର ମହିଳାଙ୍କ ପରିବାର ପଟାଙ୍ଗୀ ବ୍ଲକ ସମ୍ପର୍କୀୟ ଘର ଜଣକ ମୃତ୍ୟୁ ଘରକୁ ଯାଇଥିବା ଜଣାପଡିଛି । ସେପଟେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଅକାଳ ବିୟୋଗ

**ବାଲିଗୁଡା : ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକର ସଦର କଞ୍ଚାମେଣ୍ଡି ଗ୍ରାମର ଅବସରପ୍ରାପ୍ତ ୨୨ ରେଜିମେଣ୍ଟ ସେନା କର୍ମଚାରୀ ସରୋଜ କୁମାର ପାଣିଗ୍ରାହୀଙ୍କ ୪୫ ବର୍ଷ ବୟସରେ ପରଲୋକ ହୋଇ ଯାଇ ଥିବାରୁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଗତ କାଲି ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ଏଠାରେ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ସ୍ଥାନାନ୍ତର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ଡ଼ାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ସେ ଅବିବାହିତ ଥିବା ବେଳେ ମା, ଭାଇ,ଭାଉଜ ଓ ନାନୀ,ଜ୍ୱାଇଁ ପରିବାର ବର୍ଗ ଅଛନ୍ତି। ସେ ସେନାରେ ୨୦୦୧ ମସିହାରେ କାର୍ଯ୍ୟ ଆରମ୍ଭ କରି ବେଶ ସୁନାମ ଅର୍ଜନ କରି ଥିବା ବେଳେ ବନ୍ଧୁ ବତ୍ସଳ,ଶାନ୍ତ,ସରଳ ଓ ଅମାୟିକ ବ୍ୟବହାରରେ ସମସ୍ତଙ୍କ ପ୍ରିୟପାତ୍ର ହୋଇ ୨୦୧୮ ରେ ଅବସର ନେଇଥିଲେ। ସଂପ୍ରତି ଅଞ୍ଚଳର ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଶୁକ୍ରବାର ରାତିରେ ଅକାଳ ବିୟୋଗ ଘଟି ଥିବାରୁ ଶନିବାର ଅନ୍ତିମ ସଂସ୍କାରରେ ଅଞ୍ଚଳର ପୂର୍ବତନ ସେନା କର୍ମଚାରୀ ରଲି ମଲ୍ଲିକ,ଧନେଶ୍ୱର ମଲ୍ଲିକ,ହିମାଂଶୁ କୁମାର ମଲ୍ଲିକ, ସରୋଜ ବଲିୟାର ସିଂ,ଗଦାଧର ପ୍ରଧାନ,ସିପ୍ରୀୟାନ ଦିଗାଲ, ଲିଙ୍ଗରାଜ ଦଳବେହେରା ଓ ଶିବାନନ୍ଦ ପାତ୍ରଙ୍କ ସମେତ ବିଜେପି ଜିଲ୍ଲା ସଭାପତି ତଥା ସାଂସଦ ପ୍ରତିନିଧି ପଣ୍ଡିତ କୁମାର ବିଶି ମାଝୀ,ମଣ୍ଡଳ ସଭାପତି ନିଗମାନନ୍ଦ ପୂଜାରୀ, ଦିଗାମ୍ବର ପାଣିଗ୍ରାହୀ, ଅଶୋକ କୁମାର ଦାସଙ୍କ ସହ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି,ସମସ୍ତ ବନ୍ଧୁ ବାନ୍ଧବ, ସାଙ୍ଗସାଥୀ ଓ ଅଞ୍ଚଳବାସୀ କଞ୍ଚାମେଣ୍ଡି ସ୍ଥିତ ଶ୍ମଶାନଘାଟ ରେ ଉପସ୍ଥିତ ରହି ଗଭୀର ଶୋକ ପ୍ରକଟ କରିବା ସହ ଅମର ଆତ୍ମାର ସଦଗତି କାମନା କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଅର୍ଥ ହେରଫେର ଘଟଣା

# କେନ୍ଦୁଝର କୋର୍ଟରେ ରାଜା ଚକ୍ର ଓ ସହଯୋଗୀଙ୍କ ଜାମିନ ଖାରଜ

**କେନ୍ଦୁଝର : ନ୍ୟୁଜ୍‌ବ୍ୟୁରୋ**



ରାଜ୍ୟର ବହୁଚର୍ଚ୍ଚିତ ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଅର୍ଥ ହେରଫେର ଘଟଣାରେ ଓଡିଶା ପୁଲିସର ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ଗିରଫ ହୋଇଥିବା ସୌମ୍ୟଶଙ୍କର ଚକ୍ର ଓରଫ ରାଜା ଚକ୍ର, ଲୋଡିଂ ଆସୋସିଏସନର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ ଓ ସମ୍ପାଦକ ଉତ୍କଳ ଦାସଙ୍କ ସମେତ ଅନ୍ୟ ତିନିଜଣଙ୍କର କେନ୍ଦୁଝର କୋର୍ଟରେ ଥିବା ତିନିଗୋଟି ମାମଲାରେ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବା ଏସଡିଜେଏମଙ୍କ କୋର୍ଟରେ ଜାମିନ ଖାରଜ ହୋଇଛି । ଏହି କୋର୍ଟର ସହକାରୀ ସରକାରୀ ଓକିଲ ବା ଏପିପି ସତ୍ୟବ୍ରତ ମହାନ୍ତିଙ୍କ ସୂଚନା ଅନୁଯାୟୀ ରାଜା ଚକ୍ର ଓ ଅନ୍ୟ ସହଯୋଗୀଙ୍କ ନାମରେ ଥିବା ତିନିଗୋଟି ମାମଲାର ଶୁଣାଣୀ କରି ମାନ୍ୟବର ଏସଡିଜେଏମ ଦାୟିତ୍ୱରେ ଥିବା ଜେଏମଏଫସି ଏହି ତିନିଗୋଟି ଜାମିନକୁ ଖାରଜ କରିଛନ୍ତି । ଏହା ସହିତ ତିନିଗୋଟି ମାମଲାରେ ପୁଲିସର ରିମାଣ୍ଡକୁ ମଞ୍ଜୁର କରାଯାଇଥିବାବେଳେ ସେ ବିଚାରାଧିନ ବନ୍ଦୀ ଭାବରେ ଥିବାରୁ ତାଙ୍କୁ ରିମାଣ୍ଡରେ ନିଆଯାଇପାରିବ। ଜିଆର କେଶ ସଂଖ୍ୟା ୫୩/୫୪/ ୨୦୨୫,୬୪୫/୨୦୨୫ ଓ ସିଡି ସିଆଇବି ମାମଲାର ୩/ ୩.୫.୨୦୨୫ରେ ମାମଲା ରହିବା ସହିତ ଏହି ମାମଲାରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଜାମିନ ଖାରଜ ହୋଇଛି ବୋଲି ଏପିପି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ଏହାପୂର୍ବରୁ ଦୁଇଟି କେଶରେ ହାଇକୋର୍ଟରୁ ତାଙ୍କୁ ଅନ୍ତରୀଣ ଜାମିନ ମିଳିଛି ବୋଲି ସେ ପ୍ରକାଶ କରିଛନ୍ତି । ସୁଚନାଯୋଗ୍ୟ ଯେ,ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିର ସଦସ୍ୟ ଥିବା ଶୁଆକାଟିର ସୁଶାନ୍ତ କୁମାର ବାରିକଙ୍କ ଏତଲା ଅନୁଯାୟୀ ୨୦୧୮ମସିହାରେ ରାଜା ଚକ୍ରଙ୍କଠାରୁ ୨୦ଲକ୍ଷ ୫୦ହଜାର ଟଙ୍କା ଦେଇ ଓଆର-୦୯ -କ୍ୟୁ -୦୮୨୧ନମ୍ବର ଥିବା ଏକ ଲୋଡର କିଣିଥିଲେ । ଏହାକୁ ଗନ୍ଧମାର୍ଦ୍ଦନ ଲୌହ ଖଣିରେ କାର୍ଯ୍ୟରେ ଲଗାଇଥିଲେ । ଏହାକୁ ନେଇ ରାଜା ଚକ୍ର, ସଦାଶିବ ସାମଲ,ମାନସ ବାରିକ, ସୁଧାଂଶୁ ନାୟକ, ସମୀର ଜେନା, ଜ୍ୟୋତିରଞ୍ଜନ ମିଶ୍ର ତାଙ୍କୁ ଆକ୍ରମଣ କରିବା ସହ ରାଜା ଚକ୍ର ତାଙ୍କୁ ପିସ୍ତଲ ଦେଖାଇ ଧମକ ଦେଇଥିଲେ । ଏହାକୁ ନେଇ ସୁଶାନ୍ତ ସଦର ଥାନାରେ ୨୦୨୫ମସିହା ଏପ୍ରିଲ ୨୬ତାରିଖରେ ଏକ ଏତଲା ଦେଇଥିବାବେଳେ ପୋଲିସ କେଶ ସଂଖ୍ୟା ୧୮୪ ତା ୨୬.୦୪.୨୦୨୫ ମାମଲା ରୁଜୁ କରିଥିଲା । ଏହି ମାମଲାର ଜାମିନକୁ ଶନିବାର ଜାମିନ ଖାରଜ ହୋଇଛି।

# ବରଗଡ଼ ଧନୁଯାତ୍ରା ଫିଲ୍ମ ଓ କଫି ଟେବୁଲ ବୁକ୍ ଉନ୍ମୋଚିତ




**ବରଗଡ : ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବରଗଡ଼ ଧନୁଯାତ୍ରା ମହୋତ୍ସବର ସାଧାରଣ ଓ କାର୍ଯ୍ୟନିର୍ବାହୀ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି।

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ-୨୦୨୫ର ଭବ୍ୟ ସଫଳତା ପରେ ଆୟ-ବ୍ୟୟ ବିଷୟରେ ବିସ୍ତୃତ ଆଲୋଚନା ନିମନ୍ତେ ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲଙ୍କ ସମେତ ବରଗଡ଼ ବିଧାୟକ ଶ୍ରୀ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦମପୁର ବିଧାୟିକା ଶ୍ରୀମତୀ ବର୍ଷା ସିଂ ବରିହା, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ମାନିନୀ ଭୋଇ, ପୌରାଧକ୍ଷା ଶ୍ରୀମତୀ କଳ୍ପନା ମାଝୀ, ପଦମପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୃଣାଲ ମୋତିରାମ ଚୌହାନ, ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହେନ୍ଦ୍ର ମହାପାତ୍ର ଏବଂ ଶ୍ରୀମତୀ ମଧୁଛନ୍ଦା ସାହୁ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ଶ୍ରୀ ସୁରେଶ୍ୱର ଶତପଥୀ, ଜିଲ୍ଲା ସ୍ତରୀୟ ଅଧିକାରୀ ତଥା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଉପସ୍ଥିତ ସମସ୍ତ ଅତିଥି ତଥା ଲୋକ ପ୍ରତିନିଧି ଧନୁଯାତ୍ରାର ଅଭୂତପୂର୍ବ ସଫଳତାକୁ ସ୍ୱୀକାର କରି ଆୟୋଜକ କମିଟିର ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ଶ୍ରୀ ସୁରଶ୍ୱର ଶତପଥୀ ବରଗଡ଼ ଧନୁଯାତ୍ରା ମହୋତ୍ସବ-୨୦୨୫ ସମ୍ବନ୍ଧୀୟ ଆର୍ଥିକ ବିବରଣୀ ତଥା ଆୟ-ବ୍ୟୟ ବିଷୟରେ ସ୍ପଷ୍ଟ ଭାବେ ଉପସ୍ଥାପନା କରିବା ପରେ ସମସ୍ତଙ୍କ ମଧ୍ୟରେ ଏହାଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଏହାପରେ ମଂଚାସୀନ ଅତିଥିଙ୍କ ଦ୍ୱାରା ଧନୁଯାତ୍ରା ଉପରେ ନିର୍ମିତ ଡକ୍ୟୁମେଣ୍ଟାରୀ ଫିଲ୍ମ ଓ ଏକ ଆକର୍ଷଣୀୟ କଫି ଟେବୁଲ ବୁକ୍‌ର ଉନ୍ମୋଚନ କରାଯାଇଥିଲା । ପ୍ରକାଶଥାଉକି,ଏହି ଦୁଇଟି ସୃଜନାତ୍ମକ ପ୍ରସ୍ତୁତି ବରଗଡ଼ ଧନୁଯାତ୍ରା ମହୋତ୍ସବର ଐତିହ୍ୟ, ସଂସ୍କୃତିକ ବୈଭବ ତଥା ଗୌରବକୁ ସ୍ଥାୟୀ ରୂପ ଦେବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି। ଏହା ଓଡିଶାର ଏହି ବୈଶିଷ୍ଟ୍ୟପୂର୍ଣ୍ଣ ଉତ୍ସବକୁ ଦେଶ ଓ ବିଦେଶରେ ଅଧିକ ପ୍ରଚାର କରିବାରେ ସାହାଯ୍ୟ କରିବ।

ବୈଠକରେ ସମସ୍ତ ସଦସ୍ୟ ଉକ୍ତ ବର୍ଷର ଧନୁଯାତ୍ରାକୁ ପାରଦର୍ଶୀ ଓ ଆକର୍ଷଣୀୟ ଭାବେ ଆୟୋଜନ କରିଥିବାରୁ ଓଡିଶା ସରକାର ତଥା ଜିଲ୍ଲାର ସମସ୍ତ ଲୋକ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇ ଆଗାମୀ ଦିନରେ ଏହି ମହୋତ୍ସବକୁ ଅଧିକ ଆକର୍ଷଣୀୟ ତଥା ବିଶ୍ୱସ୍ତରୀୟ କରିବା ପାଇଁ ଅନୁରୋଧ କରିଥିଲେ ।





ଭୁବନେଶ୍ୱର : ଶ୍ରାଦ୍ଧଦିବସ ପାଳନ ଅବସରରେ ବିଧାନସଭା ପରିସରରେ ଥିବା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ବାଚସ୍ପତି ଶ୍ରୀମତୀ ସୁରମା ପାଢୀଙ୍କ ସହ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ରୂପେଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ଗଜପତି ବିକାଶ ପରିଷଦର ବରିଷ୍ଠ କର୍ମକର୍ତ୍ତା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ। (ଫଟୋ : ସମ୍ବାଦ କଳିକା)

# ମୈତ୍ରେୟୀ ଲେଖିକା ସଂଗଠନର ଚତୁର୍ଥ ବାର୍ଷିକ ବନ୍ଧୁମିଳନ ଓ ପତ୍ରିକା ଉନ୍ମୋଚନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗତ ଶନିବାର ଦିନ ସ୍ଥାନୀୟ ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ମୈତ୍ରେୟୀ ଲେଖିକା ସଂଗଠନର ଚତୁର୍ଥ ବାର୍ଷିକ ବନ୍ଧୁମିଳନ ଓ ପତ୍ରିକା ଉନ୍ମୋଚନ ଖୁବ୍ ଧୁମଧାମରେ ପାଳନ ହୋଇଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଲେଖକ ଅଜୟ ସ୍ୱାଇଁ ଅତିଥି ହିସାବରେ ଯୋଗ ଦେଇ ସୃଜନଶୀଳତା ଏବଂ କୃତ୍ରିମ ବୁଦ୍ଧିମତ୍ତା ଉପରେ କହିଲେ ଯେ, ଯାହା ପ୍ରାକୃତିକ ତାହା ପ୍ରାକୃତିକ ହିଁ ରହିବ, କମ୍ପ୍ୟୁଟରରେ ଯେତିକି ଫିଡିଂ କରାଯାଇଥାଏ ସେତିକି ବାହାରେ। ସଭାର ଅନ୍ୟତମ ଅତିଥି ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପାରମିତା ଶତପଥୀ କହିଲେ ଯେ, ଆଧୁନିକତା ସହ ସୃଜନଶୀଳତା ଯେମିତି ଜଡ଼ିତ ଠିକ୍ ସେମିତି ସୃଜନଶୀଳତା ସହ କୃତ୍ରିମ ବୁଦ୍ଧିମତ୍ତା ଜଡ଼ିତ। ତେଣୁ ଆମକୁ ଆଗକୁ ବଢ଼ିବାକୁ ହେଲେ ନୂତନତ୍ୱ ସହ ସନ୍ଧି କରିବାକୁ ପଡ଼ିବ, ନଚେତ୍ ଆମେ ପଛରେ ପଡ଼ିଯିବା। ସେହିପରି ଅନ୍ୟତମ ଅତିଥି ବିୟତପ୍ରଜ୍ଞା ତ୍ରିପାଠୀ ଏଆଇ କିପରି ସୃଜନଶୀଳତାକୁ କପି କରି ତାକୁ ବିକୃତ କରୁଛି ପରୀକ୍ଷା କରି ଦେଖେଇ ଦେଇଥିଲେ ଏବଂ କହିଥିଲେ ଯେ, ଆପଣମାନେ ସବୁକଥା ଜାଣନ୍ତି ଅଥଚ ଜାଣିଛନ୍ତି ବୋଲି ଜାଣନ୍ତି ନାହିଁ, ଯେତେବେଳେ ତାହା ଜାଣିଯିବେ ସବୁକିଛି ସହଜ ହୋଇଯିବ। ସୁଷମା ମିଶ୍ର ଏହି ସଭାରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଲକ୍ଷ୍ମୀ ଚାନ୍ଦ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ଛନ୍ଦା ମିଶ୍ର ପ୍ରାରମ୍ଭିକ ଏବଂ ଅନ୍ତିମ ସଙ୍ଗୀତ ଗାନ କରିଥିଲେ। ମୌସୁମୀ ଦାସ୍ ଅତିଥି ପରିଚୟ ଦେଇଥିବା ବେଳେ ଶର୍ମିଷ୍ଠା ମହାନ୍ତି ସଂଯୋଜନା କରିଥିଲେ। ସଂଗଠନ ତରଫରୁ ବିଦ୍ୟୁତଲତା ଦାସଙ୍କୁ ମୈତ୍ରେୟୀ ସମ୍ମାନ, ବିଜନବାଳା ପାଟଯୋଶୀଙ୍କୁ ମୈତ୍ରେୟୀ ଦକ୍ଷତା ସମ୍ମାନ ଏବଂ ସସ୍ମିତା ମହାନ୍ତିଙ୍କୁ ମୈତ୍ରେୟୀ ବିଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବିଜୟଲକ୍ଷ୍ମୀ ପାଣିଗ୍ରାହୀ। ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ ଜଣ ମୈତ୍ରେୟୀ ଯୋଗ ଦେବା ସହ ବିଶିଷ୍ଟ ଲେଖିକା ତଥା ଅନୁବାଦିକା ସୁପ୍ରଭା ରାୟ, ବରିଷ୍ଠ ଲେଖିକା ହିରଣ୍ମୟୀ ମିଶ୍ର, ବିଶିଷ୍ଟ ଲେଖକ ପ୍ରଦୀପ ରାୟ, ଲେଖକ ଏବଂ ପ୍ରକାଶକ ବାଦଲ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ବଳରାମପୁର ସଂରକ୍ଷିତ ଜଙ୍ଗଲରେ ବେଆଇନ ଖଣି ଖନନକୁ ନେଇ ଜନସ୍ୱାର୍ଥ ମାମଲା, ତଥ୍ୟ ରଖିଲେ ଜିଲ୍ଲାପାଳ

**କଟକ, ନ୍ୟୁଜ ବ୍ୟୁରୋ**

ବଳରାମପୁର ସଂରକ୍ଷିତ ଜଙ୍ଗଲରେ ଥିବା କଳାପଥର ଖଣିରେ ବେଆଇନ ଖନନକୁ ନେଇ ତଥ୍ୟ ରଖିଲେ ଯାଜପୁର ଜିଲ୍ଲାପାଳ। ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଳରାମପୁର ସଂରକ୍ଷିତ ଜଙ୍ଗଲରେ ଥିବା କଳାପଥର ଖଣିରେ ବେଆଇନ ଭାବେ ପଥର ଉତ୍ତୋଳନ କାର୍ଯ୍ୟ କରାଯାଉଥିବା ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂକ୍ରାନ୍ତରେ ହାଇକୋର୍ଟଙ୍କ ପାଖରେ ତଥ୍ୟ ରଖିଲେ ଯାଜପୁର ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ। ହାଇକୋର୍ଟରେ ଏହି ମାମଲାର ଶୁଣାଣି ସମୟରେ ଯାଜପୁର ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ, ଖଣି ଅଧିକାରୀ ଝସକେତନ ସେଠୀ ଓ ଯାଜପୁର ସର୍କଲ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକ ଭର୍ଚୁଆଲରେ ହାଜର ହୋଇଥିଲେ। କଟକ ଡିଭିଜନ ଡିଏଫଓଙ୍କ ୨୦୨୪, ସେପ୍ଟେମ୍ବର ୨୦ର ଚିଠି ମିଳିବା ପରେ ଗ୍ରହଣ କରାଯାଇଥିବା ପଦକ୍ଷେପ



ସଂକ୍ରାନ୍ତରେ ଜିଲ୍ଲାପାଳ ତଥ୍ୟ ଉପସ୍ଥାପନ କରିଥିଲେ। ୬ଟି କଳାପଥର ଖଣିର ଲିଜଧାରୀଙ୍କୁ ତୁରନ୍ତ ଖଣିଜଦ୍ରବ୍ୟ ଉତ୍ତୋଳନ ବନ୍ଦ ପାଇଁ ଖଣି ଅଧିକାରୀ ଚିଠି କରିଥିଲେ। ଏକ ଯୁଗ୍ମଯାଞ୍ଚ ମଧ୍ୟ କରାଯାଇଥିଲା। ଖଣିଜଦ୍ରବ୍ୟ ପରିବହନ ପାଇଁ ଆବଶ୍ୟକ ଇ-ଟ୍ରାଞ୍ଜିଟ୍ ପାସ୍ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ବେଆଇନ ଖଣି ଖନନ ଉପରେ ଅଙ୍କୁଶ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଜିଲ୍ଲାପାଳ ଦର୍ଶାଇଥିଲେ। ସେହିପରି ଅଧିକାରୀଙ୍କ ତରଫରୁ ଉପସ୍ଥାପନ କରାଯାଇଥିବା ତଥ୍ୟରୁ ଡିଏଫଓଙ୍କ ଚିଠି ଉପରେ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ସେନେଇ ସ୍ଥିତି ସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ ହୋଇନଥିଲା। ଏଭଳି ସ୍ଥିତିରେ ଯାଜପୁର ଜିଲ୍ଲାପାଳ, ଖଣି ଅଧିକାରୀ ଓ ଧର୍ମଶାଳା ତହସିଲଦାରଙ୍କୁ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡିଏଫଓଙ୍କ ୨୦୨୪, ସେପ୍ଟେମ୍ବର ୨୦ର ଚିଠି ହସ୍ତଗତ ହେବା ପରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ସତ୍ୟପାଠରେ ଉଲ୍ଲେଖ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ମାମଲାରେ କଟକ ଡିଏଫଓଙ୍କୁ ପକ୍ଷଭୁକ୍ତ କରିବା ପାଇଁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଜୁନ ୨୪କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ପୀତବାସ ଦାଶ ଓ ଅନ୍ୟ ୩ଜଣଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ବଳରାମପୁର ସଂରକ୍ଷିତ ଜଙ୍ଗଲରେ ବେଆଇନ କଳାପଥର ଖନନ ଅଭିଯୋଗ ନେଇ ଏହି ମାମଲା ହାଇକୋର୍ଟରେ ଦାୟର ହୋଇଛି। ମେ ୨୦ରେ ହାଇକୋର୍ଟ ମାମଲାର ଶୁଣାଣି କରି ଯାଜପୁର ଜିଲ୍ଲାପାଳ, ଖଣି ଅଧିକାରୀ ଓ ଖଣି ଉପ-ନିର୍ଦ୍ଦେଶକଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ।

# ଅଗ୍ନିଶମ କେନ୍ଦ୍ର ପରିଦର୍ଶନ କଲେ ଡ଼ିଜି

**ଗଞ୍ଜାମ, ନ୍ୟୁଜ ବ୍ୟୁରୋ**

ଅଗ୍ନିଶମ ବିଭାଗ ଡିଜି ଡଃ. ସୁଧାଂଶୁ ଷଡଙ୍ଗୀ ରବିବାର ସକାଳେ ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଅଗ୍ନିସମ କେଂନ୍ଦ୍ର ପରିଦର୍ଶନ କରି ଏହାର ସ୍ଥିତି ଓ ଭିତିଭୂମି ଅନୁଧ୍ୟାନ କରିଛନ୍ତି। ଏହାସହ ସେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ସହ ଆଲୋଚନା କରିଛନ୍ତି। ୧୯୪୫ ମସିହାରେ ପ୍ରତିଷ୍ଠିତ ଏହି କେନ୍ଦ୍ରର ବିଭିନ୍ନ ସମସ୍ୟା ନେଇ ବିଧାୟକ ଅଗ୍ନିସମ ବିଭାଗକୁ ଚିଠି ଲେଖିଥିଲେ। ଡିଜି ଡଃ. ଷଡଂଗୀ ଏହି କେଂନ୍ଦ୍ର ପରିଦର୍ଶନ କରି ଅଗ୍ନି ନିର୍ବାପନରେ ବ୍ୟବହୃତ ସାମଗ୍ରି ଗାଡି ଓ ମୋଟର ଯାଂଚ କରିଛନ୍ତି। ଏହାସହ ସେ ନୂତନ ଭିତିଭୂମି ଉପରେ ପରାମର୍ଶ ଦେଇଛନ୍ତି।

# ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ନାମରେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କସ୍ଥିତ ସିଟି ୟୁନିଭରସିଟିରେ ଏକ ଗବେଷଣା ପ୍ରତିଷ୍ଠାନକୁ ନାମିତ କରାଯାଇଛି। ଏହି ଅବସରରେ ତାଙ୍କୁ ସିଟି ୟୁନିଭରସିଟିର ସର୍ବୋଚ୍ଚ ସମ୍ମାନ ପ୍ରେସିଡେନ୍ସିଆଲ ମେଡ଼ାଲ ପ୍ରଦାନ କରାଯାଇଥିବାରୁ ସାଂସ୍କୃତିକ ଅନୁଷ୍ଠାନ 'ସଂସ୍କୃତି ଓ ସଂସ୍କୃତି' ଏବଂ ଓଡ଼ିଶା ସଚେତନ ନାଗରିକ ଫୋରମ ପକ୍ଷରୁ ଡ. ଅଚ୍ୟୁତ ସାମନ୍ତଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉଭୟ ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟମାନେ ଡ. ସାମନ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରତିନିଧି ଦଳରେ ସଭାପତି ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଦିଲ୍ଲୀପ ହାଲିଙ୍କ ସମେତ ଶିକ୍ଷାବିତ୍ ଅଶୋକ ପାଣ୍ଡେ, ଯୁବନେତା ଡଃ ତନ୍ମୟ ସ୍ୱାଇଁ, ଆଇନଜୀବୀ ଅନିଲ ପରିଡ଼ା ଓ ସାମ୍ବାଦିକ ବିଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀୟ ସାଂସ୍କୃତିକ ଐତିହ୍ୟ ଉପରେ ତୃତୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଉଦଯାପିତ

# ଅତୀତ କେବଳ ଇତିହାସ ନୁହେଁ, ବରଂ ଆଧୁନିକ ବିଶ୍ୱ ସମସ୍ୟାର ମୁକାବିଲା ପାଇଁ ପ୍ରେରଣା ଦିଏ : ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅତୀତ କେବଳ ଇତିହାସ ନୁହେଁ, ବରଂ ଆଧୁନିକ ବିଶ୍ୱ ସମସ୍ୟାର ମୁକାବିଲା ପାଇଁ ପ୍ରେରଣା ଦିଏ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି। ଚଳିତ ମଇ ୨୫ ତାରିଖ ଦିନ ଭୁବନେଶ୍ୱର ଠାରେ ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟର ଇନଷ୍ଟିଚ୍ୟୁଟ୍ ଅଫ୍ ମିଡ଼ିଆ ଷ୍ଟଡ଼ିଜର ମିଳିତ ଆନୁକୂଲ୍ୟରେ 'କଳିଙ୍ଗ ଏବଂ ଦକ୍ଷିଣ-ପୂର୍ବ ଏସିଆ – ସଭ୍ୟତା ସଂଯୋଗ' ଶୀର୍ଷକ ସମ୍ପର୍କିତ ଭାରତୀୟ ସାଂସ୍କୃତିକ ଐତିହ୍ୟ ଉପରେ ଆଧାରିତ ତୃତୀୟ ଅନ୍ତର୍ଜାତୀୟ ସମ୍ମିଳନୀର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି। 'କଳିଙ୍ଗ ଏବଂ ଦକ୍ଷିଣ-ପୂର୍ବ ଏସିଆ- ସଭ୍ୟତା ସଂଯୋଗ' ଉପରେ ରାଜ୍ୟପାଳ ଆଲୋକପାତ କରି କହିଥିଲେ ଯେ ପ୍ରାଚୀନ କଳିଙ୍ଗର ସାମୁଦ୍ରିକ ପରମ୍ପରା ଦକ୍ଷିଣ-ପୂର୍ବ ଏସିଆର ପରିବେଶଗତ ଏବଂ ବିକାଶମୂଳକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାରେ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଥାଏ। ଇଣ୍ଡୋନେସିଆ, ମାଲେସିଆ, ମିଆଁମାର, ଥାଇଲାଣ୍ଡ, କାମ୍ବୋଡ଼ିଆ ଏବଂ ଭିଏତନାମ ଭଳି ଦେଶମାନଙ୍କ ସହ କଳିଙ୍ଗର ସାମୁଦ୍ରିକ ବାଣିଜ୍ୟ, ଅନୁସନ୍ଧାନ ଏବଂ ସାଂସ୍କୃତିକ ବିନିମୟର ଇତିହାସ କେବଳ ଗର୍ବର ବିଷୟ ନୁହେଁ, ବରଂ, ଆଧୁନିକ ଆଂଚଳିକ ସହଯୋଗ ପାଇଁ ଏକ ମାର୍ଗଦର୍ଶକ ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାର ଗୌରବମୟ ଅତୀତ ସହିତ ପୁନଃସଂଯୋଗ କରିବା ଉଦ୍ଦେଶ୍ୟରେ ଏ ପ୍ରକାର ସମ୍ମିଳନୀ ଆୟୋଜନ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟପାଳ କହିବା ସହିତ ଆୟୋଜକମାନଙ୍କୁ ପ୍ରଶଂସା କରିଥିଲେ। ପୁଣି ନିଜ ଉଦବୋଧନରେ ରାଜ୍ୟପାଳ କହିଥିଲେ ଯେ, କଳିଙ୍ଗ ଦକ୍ଷିଣ-ପୂର୍ବ ଏସିଆ ସହିତ ଦୁଇ ହଜାର ବର୍ଷରୁ ଅଧିକ ସମୟ ଧରି ଦୃଢ ସାମୁଦ୍ରିକ ଏବଂ ସାଂସ୍କୃତିକ ସମ୍ପର୍କ ରକ୍ଷା କରିଛି। ଏହି କଳିଙ୍ଗର ଲୋକମାନେ ବିଶ୍ୱବ୍ୟାପୀ ଭ୍ରମଣ କରି ସେହି ସଂଯୋଗ ସ୍ଥାପନ କରିଥିଲେ। ଯାହାର ପ୍ରଭାବ ଆଜି ମଧ୍ୟ ସ୍ଥାପତ୍ୟ କଳା, ଶିଳାଲିପି, ପରମ୍ପରା ଏବଂ ସ୍ଥାନମାନଙ୍କର ନାମରେ ଦେଖିବାକୁ ମିଳେ। କଳିଙ୍ଗର ସାମୁଦ୍ରିକ ନେଟୱାର୍କ ଭାରତୀୟ ସଂସ୍କୃତି ଏବଂ ଧର୍ମର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। କାମ୍ବୋଡ଼ିଆର ଆଙ୍କୋର ୱାଟ୍ ଏବଂ ଇଣ୍ଡୋନେସିଆର ବୋରୋବୁଦୁର ଭଳି ମନ୍ଦିରଗୁଡିକରେ କଳିଙ୍ଗର ମନ୍ଦିର ସ୍ଥାପତ୍ୟର ପ୍ରଭାବ ଦେଖିବାକୁ ମିଳେ। ରାମାୟଣ, ମହାଭାରତ ଏବଂ ସଂସ୍କୃତିର ପ୍ରସାର ଏବଂ ଇଣ୍ଡୋନେସିଆର ନେ?ପି ଏବଂ କାମ୍ବୋଡ଼ିଆର ପୁଚମ୍ ବେନ୍ ଭଳି ପର୍ବପର୍ବାଣୀ ଗଭୀର ସାଂସ୍କୃତିକ ବନ୍ଧନକୁ ପ୍ରତିଫଳିତ କରିଥାଏ। ଏହି ସାଂସ୍କୃତିକ ବିନିମୟ ପାରସ୍ପରିକ ସମ୍ମାନ ଉପରେ ପ୍ରତିଷ୍ଠିତ ଥିଲା ଏବଂ ସ୍ଥାନୀୟ ପରମ୍ପରାକୁ ସମୃଦ୍ଧ କରିଥିଲା ବୋଲି ରାଜ୍ୟପାଳ କହିଥିଲେ।

## ଲୋ ଭୋଲଟେଜ ସମସ୍ୟାର ଅନ୍ତଃ ଘଟିଲା

# ନୂତନ ସବ୍ ସେଣ୍ଟର ଉଦ୍‌ଘାଟନ କଲେ ଗଣଶିକ୍ଷା ମନ୍ତ୍ରୀ



**ରାଇଘର, ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଦୀର୍ଘ ଦିନ ଧରି ଲୋ ଭୋଲଟେଜ ସମସ୍ୟା ଥିବା ବେଳେ ଆଜି ଏହାର ଅନ୍ତଃ ଘଟିଲା ରବିବାର ଡୁମୁରିମୁଣ୍ଡା ଠାରେ ଥିବା ନୂତନ ସବ୍ ସେଣ୍ଟର ଉଦ୍‌ଘାଟନ କଲେ ଗଣଶିକ୍ଷା ମନ୍ତ୍ରୀ। ବିଗତ ଦିନରେ ଲୋ ଭୋଲଟେଜ ସମସ୍ୟା ପାଇଁ ଚାରୋଟି ପଂଚାୟତ ଚାଷୀ ୪୦ନମ୍ବର ରାଜ୍ୟ ରାଜପଥ ଅବରୋଧ କରିଥିଲା କିନ୍ତୁ ତାହା ଅନ୍ତଃ ଘଟିଲା ଆଜି ଆଉ ଦେଖିବାକୁ ମିଳିବନି ଲୋ ଭୋଲ୍ଟଜ ସମସ୍ୟା କାରଣ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମୋହଣ୍ଡ, କଚରାପାରା, ଛେଲିଡ଼ଙ୍ଗରି, ଦେବାଗାଁ ଏହି ଚାରିଟି ପଂଚାୟତକୁ ନୂତନ ଗ୍ରିଟ ଆଜି ଚାଲୁ କରାଗଲା ଏହି ସବ୍ ସେଣ୍ଟର କୁ ଉଦ୍‌ଘାଟନ କଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

# ହୁତୁ ହୁତୁ ହୋଇ ଜଳିଗଲା ଗଦି ଇଣ୍ଡଷ୍ଟ୍ରି : କୋଟି- କୋଟି ଟଙ୍କାର ସମ୍ପତ୍ତି ନଷ୍ଟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ହୁତୁ ହୁତୁ ହୋଇ ଜଳିଗଲା ଗଦି ଇଣ୍ଡଷ୍ଟ୍ରି। ଜଳିପୋଡ଼ି ପାଉଁଶ ହୋଇଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି। ଅଗ୍ନିକାଣ୍ଡ ଘଟିଛି ମଞ୍ଚେଶ୍ୱର୍ ଶିଳ୍ପାଞ୍ଚଳରେ। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଟି.କେ ଫୋମସ ପ୍ରାଇଭେଟ୍ ଲିମିଟେଡ଼ରେ ଅଗ୍ନିକାଣ୍ଡ ହୋଇଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ, କିଲୋମିଟର ଦୂରରୁ ସ୍ପଷ୍ଟ ଦେଖାଯାଉଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପ୍ରଥମେ ମଞ୍ଚେଶ୍ୱର୍ ଅଗ୍ନିଶମ ବାହିନୀ ପହଞ୍ଚି ଥିଲେ କିନ୍ତୁ ନିଆଁର ଭୟାବହତା ଦେଖି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ସେକ୍ରେଟେରିଏଟ, କଟକ, ଖୋର୍ଦ୍ଧା ଅଗ୍ନିଶମ ବାହିନୀ ଓ ଷ୍ଟ୍ରାଇକିଂ ଫୋର୍ସ ମଧ୍ୟ ପହଞ୍ଚିଥିଲା। ହେଲେବି ନିଆଁ ଲିଭାଇବା ଅଗ୍ନିଶମ ବାହିନୀକୁ କାଠିକର ପାଠ ହୋଇଥିଲା। ଶେଷରେ ସ୍ଥିତି ନିୟନ୍ତ୍ରଣ ପାଇଁ ଷ୍ଟ୍ରାଇକିଂ ଫୋର୍ସ ରୋବୋଟିକ୍ ମନିଟର୍ ଭିତରକୁ ପଠା ଯାଇଥିଲା। ରୋବୋଟ ଦ୍ୱାରା ୱାଟର ସ୍ପ୍ରେ ପରେ ନିଆଁକୁ ସମ୍ପୂର୍ଣ୍ଣ ଲିଭା ଯାଇପାରିଥିଲା। ଆଉ ରାତି ୧୨ରୁ ସକାଳ ୬ଟା ପର୍ଯ୍ୟନ୍ତ ପରିଶ୍ରମ ପରେ ଅଗ୍ନିଶମ ବାହିନୀ ନିଆଁକୁ କାବୁ କରିଥିଲା। ସେପଟେ ସୁରକ୍ଷା ଦୃଷ୍ଟିରୁ ମଞ୍ଚେଶ୍ୱର ଥାନାର ଚାରୋଟି ପୋଲିସ ଗାଡ଼ି ଓ ଫୋର୍ସ ସହ ପୋଲିସ କର୍ମଚାରୀ ମାନେ ଇଣ୍ଡଷ୍ଟ୍ରି ଚାରିପଟକୁ ଜଗି ରହିଥିଲେ। ଏନେଇ କାରଖାନା ମାଲିକଙ୍କ କହିବା ଅନୁଯାୟୀ ଏହା ସର୍ଟସର୍କିଟ ଯୋଗୁଁ ହୋଇଛି ଏବଂ ଏଥିରେ ପାଖାପାଖି ୧୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ରାତିରେ ନିଆଁ ଲାଗିବାବେଳେ କମ୍ପାନି ଆଉଟ୍ ହାଉସରେ ଥିବା କର୍ମଚାରୀ ଶୋଇ ପଡ଼ିଥିଲେ ଯାହା ପାଇଁ ନିଆଁ ସମଗ୍ର ୟୁନିଟକୁ ବ୍ୟାପିଯାଇଥିଲା। ନିଆଁର ପ୍ରକୋପରେ କାରଖାନାର ଚାରିପଟ କାନ୍ଥ ଫାଟି ଯାଇଛି। ଗଦି ଓ ଗଦି ତିଆରି ସରଞ୍ଜାମ ସହ ମେସିନ ମଧ୍ୟ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ସେପଟେ ଏହି ଘଟଣାର ତଦନ୍ତ କରାଯାଉଥିବାବେଳେ କାରଖାନାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଷ୍ଟ୍ରପତିଙ୍କୁ ଭେଟିଲେ ...

ଆମର ଝିଅ ନିବୃତ୍ତି କୁମାରୀ ମେୱାର ଏବଂ ଆମର ପ୍ରିୟ ନାତି-ନାତୁଣୀ-ମୋହଲକ୍ଷିକା କୁମାରୀ ମେୱାର, ପ୍ରାଣେଶ୍ୱରୀ କୁମାରୀ ମେୱାର ଏବଂ ହରିତରାଜ ସିଂହ ମେୱାର ମଧ୍ୟ ଉପସ୍ଥିତ ରହିଥିଲେ।

### ପ୍ରବଳ ଝଡ଼ବର୍ଷାରେ ...

ବର୍ଷୀୟ ବୀରେନ୍ଦ୍ର ମିଶ୍ର। ବୀରେନ୍ଦ୍ର ଶନିବାର ରାତିରେ କାର୍ଯ୍ୟାଳୟରେ ଡ୍ୟୁଟିରେ ଥିବା ସମୟରେ ଝଡ଼ବର୍ଷା ଯୋଗୁ ଛାତ ଭୁଶୁଡ଼ି ପଡ଼ିଥିଲା। ସେ ଏସିପିଙ୍କ ବ୍ୟକ୍ତିଗତ ସହାୟକ ଭାବେ ନିଯୁକ୍ତ ଥିଲେ।

### ଆନିମିଆ ମୁକ୍ତ...

ଭାରତ ଅନ୍ତର୍ଗତ ୫୦୦୦୦ ମହିଳାଙ୍କୁ ସଚେତନ କରାଇବା। ସମାଜର ମୁଖ୍ୟସୋତ୍ରରେ ସାମିଲ୍ ହେବାର କୌଶଳ ମହିଳାଙ୍କୁ ଶିଖାଇବା। ଏହି କାର୍ଯ୍ୟକ୍ରମରେ ସଂଗଠନ ସଚିବ ରାମଚନ୍ଦ୍ର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ମାତରମ ଓ ଶେଷରେ ରାଷ୍ଟ୍ରଗାନ ହୋଇଥିଲା।

### ରଥଯାତ୍ରାରୁ ନୀଳାଦ୍ରି ...

ଅନ୍ୟପଟେ ୩ ରଥର ୩୬ଟି ଚକ ନିର୍ମାଣ ଶେଷ ହୋଇଛି। ଏହାସହ ୧୪ ନାହାକ ଚଉପଟ କାଯ୍ୟ ଆରମ୍ଭ ହୋଇଛି। ଚକ ତୁମ୍ବରେ ସିଙ୍ଗଡା ବାଡିଆ ଶେଷ ହୋଇ ସିଙ୍ଗଡା କଟା ପରେ ଅର ମୁଖସାଲ ଶେଷ ହୋଇଛି। ଏହାସହ ପଇବିନ୍ଧ କାର୍ଯ୍ୟ ବି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

### ପାକ୍‌ରେ...

ପ୍ରଭାବିତ ଗାଡ଼ିଗୁଡ଼ିକ ମଧ୍ୟରେ ଏକ ବସ ମଧ୍ୟ ଥିଲା ଯାହା ସାମରିକ କର୍ମଚାରୀଙ୍କ ପରିବାରକୁ ନେଇଯାଉଥିଲା ବୋଲି ଜଣାପଡ଼ିଛି। ଅଧିକାରୀମାନେ ଏହି ସୁରକ୍ଷା ତ୍ରୁଟିକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି। ଭିତର ସୂତ୍ର ଅନୁସାରେ, କର୍ତ୍ତୃପକ୍ଷ ଏହି ଘଟଣାକୁ ଏକ ସ୍କୁଲ ବସ ଉପରେ ଆକ୍ରମଣ ବୋଲି କହି ଘଟଣାକୁ ବଦଳାଇବାକୁ ଚେଷ୍ଟା କରୁଛନ୍ତି।

### ଆହୁରି ୭ ଦିନ ...

ସ୍ପର୍ଶ କରିଛି। ଏହା ଧୀରେ ଧୀରେ ଆଗକୁ ଅଗ୍ରସର ହେଉଛି। କିନ୍ତୁ ଓଡ଼ିଶାକୁ ମୌସୁମୀ ଆସିବାରେ ଟିକେ ସମୟ ଲାଗିବ। ଉତ୍ତରପୂର୍ବାଞ୍ଚଳ ରାଜ୍ୟ ପରେ ଓଡ଼ିଶାକୁ ମୌସୁମୀ ଆସିବ। ଦିଲ୍ଲୀ, କେରଳ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଛତିଶଗଡ଼ରେ ବର୍ଷା ଜାରି ରହିଛି। ରାଷ୍ଟ୍ରୀୟ ରାଜଧାନୀରେ ଶନିବାର ଦିନ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ତଳିଆ ଅଞ୍ଚଳରେ ପାଣି ଭର୍ତ୍ତି ହୋଇଛି। କାଳବୈଶାଖୀ ଯୋଗୁଁ ଶତାଧିକ ଗଛ ଉପୁଡ଼ି ପଡ଼ିଥିବା ବେଳେ କିଛି ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଛି। ସେହିପରି କାଳବୈଶାଖୀ ବସ୍ତି ଅଞ୍ଚଳରେ ବ୍ୟାପକ କ୍ଷତି କରିଛି। ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଛି। ବର୍ଷା ଯୋଗୁଁ ରବିବାର ଅନେକଗୁଡ଼ିଏ ବିମାନ ଉଡ଼ାଣ ମଧ୍ୟ ପ୍ରଭାବିତ ହୋଇଛି। ଏହା ଦ୍ୱାରା ଯାତ୍ରୀଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ବିମାନବନ୍ଦରରେ ଅପେକ୍ଷା କରିବାକୁ ପଡ଼ିଛି ଅଥବା ବିକଳ୍ପ ଉପାୟ ବାହାର କରିବାକୁ ପଡ଼ିଛି।

### ଅଣ୍ଡରଗ୍ରାଉଣ୍ଡରେ...

୬୨୫୫ କୋଟି ଟଙ୍କା ବ୍ୟୟ ହେବ। ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏୟାରପୋର୍ଟଠାରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ୨୬ କିଲୋମିଟର ଏହି ମେଟ୍ରୋ ରେଳ ଚାଲିବ। ପରବର୍ତ୍ତୀ ସମୟରେ ଏହା ଏସ୍‌ସିବି ପର୍ଯ୍ୟନ୍ତ ସଂପ୍ରସାରଣ ହେବ। ଏହା ମଧ୍ୟରେ ମୋଟ ୨୨ଟି ଷ୍ଟେସନ ରହିବ। ରାଜମହଲ, ଜୟଦେବ ବିହାର, କ୍ୟାପିଟାଲ ହସପିଟାଲ, ପଟିଆ ପ୍ରଭୃତି ପ୍ରମୁଖ ସ୍ଥାନ ସହ ଅନ୍ୟ ଜାଗାରେ ଷ୍ଟେସନ ବ୍ୟବସ୍ଥା ହେବ। ଏହି ପ୍ରକଳ୍ପର ନିର୍ମାଣ କାମ ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ମଇ ୨୬ ଓ ୨୭ ତାରିଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗୁଜୁରାଟ ଗସ୍ତ

**ନୂଆଦିଲ୍ଲୀ :**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଇ ୨୬ ଓ ୨୭ ତାରିଖରେ ଗୁଜୁରାଟ ଗସ୍ତରେ ଯିବେ। ଏହି ସମୟରେ ସେ ଦାହୋଦ, ଭୁଜ ଏବଂ ଗାନ୍ଧିନଗରରେ ପୃଥକ୍ ପୃଥକ୍ କାର୍ଯ୍ୟକ୍ରମରେ ଭାଗ ନେବେ। ଗସ୍ତର ଆରମ୍ଭ ମଇ ୨୬ ତାରିଖରେ ଦାହୋଦରୁ ହେବ। ସେଠାରେ ସେ ଭାରତୀୟ ରେଲୱେର ଲୋକୋମୋଟିଭ ମାନୁଫାକଚରିଂ ପ୍ଲାଂଟର ଉଦଘାଟନ କରିବେ। ଦାହୋଦରେ ପ୍ରଧାନମନ୍ତ୍ରୀ ସକାଳେ ଲୋକୋମୋଟିଭ ମାନୁଫାକଚରିଂ ପ୍ଲାଂଟକୁ ରାଷ୍ଟ୍ରକୁ ସମର୍ପିତ କରିବେ। ସେ ପ୍ଲାଂଟରୁ ନିର୍ମିତ ପ୍ରଥମ ଇଲେକ୍ଟ୍ରିକ ଇଞ୍ଜିନକୁ ସବୁଜ ପତାକା ଦେଖାଇବେ। ଏହି ପ୍ଲାଂଟ ଭାରତୀୟ ରେଲୱେ ନିମନ୍ତେ ୯ ହଜାର ହର୍ସପାୱାରର ଆଧୁନିକ ଇଲେକ୍ଟ୍ରିକ ଇଞ୍ଜିନ ପ୍ରସ୍ତୁତ କରିବ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦାହୋଦରେ ପ୍ରାୟ ୨୪ ହଜାର କୋଟି ବ୍ୟୟରେ କେତେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ। ଏଥିରେ ରେଲୱେ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ସାମିଲ୍ ରହିଛି। ସେ ବେରାବଲ -ଅହମଦାବାଦ ବନ୍ଦେ ଭାରତ ଏକ୍ସପ୍ରେସ ଓ ବଲସାଦ-ଦାହୋଦ ଏକ୍ସପ୍ରେସକୁ ସବୁଜ ପତାକା ଦେଖାଇବେ। କଟୋସନ-କଲୋଲ ଡିଭିଜନର ଗଜ୍ କନଭରସନର ଉଦଘାଟନ କରିବେ।

# ଆଜିଠୁ ଚାରି ଦେଶ ଗସ୍ତରେ ଭାରତଠାରୁ ମାତ୍ ଖାଇଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ

**ଇସଲାମାବାଦ :**

ଅପରେସନ୍ ସିନ୍ଦୂରରେ ଭାରତ ପାଖରୁ ମାତ ଖାଇବା ପରେ, ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ରବିବାରରୁ ଚାରି ଦେଶକୁ ଯାତ୍ରା କରିବେ। ସେ ଏହି ଦେଶଗୁଡ଼ିକ ସମ୍ମୁଖରେ ଭାରତ ଦ୍ୱାରା ଅପରେସନ୍ ସିନ୍ଦୂର ଅଧୀନରେ କରାଯାଇଥିବା ଆକ୍ରମଣର ବିବରଣୀ ଦେବେ ଏବଂ ଏହା ସହିତ ପାକିସ୍ତାନର ପକ୍ଷ ମଧ୍ୟ ରଖିବେ। ଅପରେସନ୍ ସିନ୍ଦୂରରେ ଧ୍ୱଂସ ସହିବା ପରେ, ପାକିସ୍ତାନ ବହୁତ ଚିନ୍ତିତ ଓ ଅଶାନ୍ତ ହୋଇପଡ଼ିଛି। ଭାରତ ନିଜର ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ ଅନେକ ଦେଶକୁ ପଠାଇ, ପାକିସ୍ତାନର କୁକୃତ୍ୟଗୁଡ଼ିକୁ ବିଶ୍ୱ ମଂଚରେ ଦର୍ଶାଇଛି। ଏହା ପ୍ରତିଉତ୍ତରରେ ପ୍ରଥମେ ପାକିସ୍ତାନ ମଧ୍ୟ ତାଙ୍କର ପ୍ରତିନିଧିମଣ୍ଡଳ ବିଦେଶକୁ ପଠାଇବାକୁ ନିଷ୍ପତ୍ତି ନେଇଥିଲା। ଏବେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ମଧ୍ୟ ଚାରିଟି ଦେଶର ଯାତ୍ରା କରିବେ। ପାକିସ୍ତାନର ବିଦେଶ ମନ୍ତ୍ରଣାଳୟ ଶନିବାର କହିଛି ଯେ, ଶେହବାଜ୍ ଶରିଫ୍ ରବିବାର ଦିନ ତୁର୍କି, ଇରାନ୍, ଅଜରବାଇଜାନ୍ ଓ ତାଜିକିସ୍ତାନକୁ ଯାତ୍ରା କରିବେ। ସେ ଏହି ଦେଶ ସମ୍ମୁଖରେ ଭାରତ ଦ୍ୱାରା ପାକିସ୍ତାନ ଉପରେ କରାଯାଇଥିବା ଆକ୍ରମଣ ସହିତ ଅନ୍ୟାନ୍ୟ ମହତ୍ତ୍ୱପୂର୍ଣ୍ଣ ମୁଦ୍ଦାମାନେ ଉପରେ ତାଙ୍କର ପକ୍ଷ ରଖିବେ।

ଭୁବନେଶ୍ୱର
୨୬ ମଇ,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

### ଏଏସ୍‌ଆଇ ଡିଜି-ଶ୍ରୀମନ୍ଦିର ପ୍ରଶାସକଙ୍କ ମଧ୍ୟରେ ବୈଠକ

# ଶ୍ରୀମନ୍ଦିରର ଐତିହ୍ୟ ସଂରକ୍ଷଣ ନେଇ ଗୁରୁତ୍ୱଦେବାକୁ ନିଷ୍ପତ୍ତି

**ପୁରୀ,୨୫/୦୫ ନ୍ୟୁଜ ବ୍ୟୁରୋ**



ଓଡ଼ିଶା ଗସ୍ତରେ ଆସିଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ମହାନିର୍ଦ୍ଦେଶକ (ଏଏସ୍‌ଆଇ ଡିଜି) ଡ.ୱାଇ.ଏସ୍. ରାୱତ୍ ଏବଂ ଶ୍ରୀମନ୍ଦିର ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଶେଷକରି ପୁରୀ ଶ୍ରୀମନ୍ଦିରର ବର୍ତ୍ତମାନ ଏବଂ ଭବିଷ୍ୟତ ଐତିହ୍ୟ ସଂରକ୍ଷଣ ଉପରେ ଆଲୋଚନା ହୋଇଥିଲା । ଉଭୟ ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ ମିଳିତ ଭାବରେ ଏହି ଆଇକନିକ୍ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟସ୍ଥଳୀକୁ ସୁରକ୍ଷିତ ଓ ସଂରକ୍ଷିତ ରଖିବା ଦିଗରେ କାର୍ଯ୍ୟ କରିବେ, ସେଥିପାଇଁ ଉଭୟ ସଂସ୍ଥା ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରେସ୍ ବାର୍ତ୍ତାରେ ସୂଚନା ଦିଆଯାଇଛି । ମନ୍ଦିର ପରିସର ସଂରକ୍ଷଣ ଓ ପୁନରୁଦ୍ଧାର କାର୍ଯ୍ୟ ଏବଂ ରଥଯାତ୍ରା ସମୟରେ ଗର୍ଭଗୃହରେ ବିଭିନ୍ନ କାର୍ଯ୍ୟ, ଏଏସ୍‌ଆଇ ଦ୍ୱାରା ରତ୍ନ ଭଣ୍ଡାରର ମରାମତି କାର୍ଯ୍ୟ ସମାପ୍ତ କରିବା, ଶ୍ରୀମନ୍ଦିରର ଉତ୍ତର ଦ୍ୱାର ଓ ପ୍ରବେଶ ଦ୍ୱାରରେ ବୟସ୍କ ଏବଂ ଭିନ୍ନକ୍ଷମ ଭକ୍ତଙ୍କ ଏଣ୍ଟ୍ରି ସୁବିଧା ପାଇଁ ର୍‍ୟାମ୍ପ୍ ବ୍ୟବସ୍ଥା କରିବା, ନାଟ ମଣ୍ଡପରେ ଶୀତତାପ ନିୟନ୍ତ୍ରିତ (ଏସି) ଏବଂ ମନ୍ଦିରର ସମ୍ମୁଖ ଭାଗରୁ ଆଲୋକୀକରଣ, ଜଗମୋହନର ବାହାର ସ୍ଲାପିଂ ଛାତର ସଂରକ୍ଷଣ କାର୍ଯ୍ୟ ସହ ମା' ବିମଳା, ମହାଲକ୍ଷ୍ମୀ, ଭୁବନେଶ୍ୱରୀ, ଆଦି ନୃସିଂହ ଏବଂ ସୂର୍ଯ୍ୟ ମନ୍ଦିର ପରି ବିଭିନ୍ନ ମନ୍ଦିରରେ ବଜ୍ରପାତ ନିରୋଧ ଯନ୍ତ୍ର ଲଗାଇବା, ଜଗମୋହନ ଏବଂ ଭୋଗମଣ୍ଡପ ସ୍ତମ୍ଭର ସଂରକ୍ଷଣ କାର୍ଯ୍ୟ ସହ ମୁଖ୍ୟ ମନ୍ଦିରର ବାହାର ପଥରକୁ ରାସାୟନିକ ପ୍ରକ୍ରିୟାରେ ସଫେଇ କରାଯିବ ବୋଲି ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି । ଏହି ଅବସରରେ ଡ. ପାଢ଼ୀ ଏଏସ୍‌ଆଇ ଡିଜିଙ୍କୁ ମହାପ୍ରଭୁଙ୍କ ଶୁଖିଲି ଭୋଗ ପ୍ରଦାନ କରିଥିଲେ । ଏଏସ୍‌ଆଇ ପ୍ରତିନିଧି ଦଳରେ ଉପ-ମହାନିର୍ଦ୍ଦେଶକ ସଂରକ୍ଷଣ ଜାନଭି ଶର୍ମା, ନିର୍ଦ୍ଦେଶକ ସଂରକ୍ଷଣ ଭୀମ ଅଜମୀରା, ନିର୍ଦ୍ଦେଶକ ବିଜ୍ଞାନ ମନୋଜ ଭଟନାଗର, ଆଞ୍ଚଳିକ ନିର୍ଦ୍ଦେଶକ ଡ. ଦିଲ୍ଲୀପ ଖମାରି ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ଏବଂ ଓଏସଡି ନିର୍ମାଣ ଆଶିଶ୍ ସୁବୁଦ୍ଧି ଯୋଗ ଦେଇଥିଲେ । ବୈଠକରେ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

## ମାଲ୍‌ବାହୀ ଟ୍ରେନ୍‌ର ୧୨ଟି ବଗି ଲାଇନଚ୍ୟୁତ

**ରାଉରକେଲା ୨୫/୦୫ ନ୍ୟୁଜ ବ୍ୟୁରୋ**

ରାଉରକେଲା ରେଳ ଷ୍ଟେସନ ନିକଟସ୍ଥ ବନ୍ଧମୁଣ୍ଡାର ରେଲୱେ ୟାର୍ଡରେ ଏକ ମାଲବାହୀ ଟ୍ରେନର ୧୨ଟି ବଗି ରେଳଧାରଣାରୁ ଲାଇନଚ୍ୟୁତ ହୋଇଛି । ସୂଚନା ପାଇ ରେଳ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଏହି ଦୁର୍ଘଟଣା କିଭଳି ଘଟିଲା ସେନେଇ ଏକ ଯାଞ୍ଚ କମିଟି ଗଠିତ କରାଯାଇଛି । ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ହେବା ପରେ ରେଲୱେ ୟାର୍ଡକୁ ଅନ୍ୟ ଟ୍ରେନ୍ ଗୁଡ଼ିକ ଯାତାୟାତ ବନ୍ଦ ରହିଛି । ପରେ ସେଠାରେ ଲାଇନକୁ କ୍ଲିୟର କରାଯାଇଛି। ସୂଚନା ମୁତାବକ, ରବିବାର ସକାଳେ ମାଲବାହୀ ଟ୍ରେନ୍‌ଟି ୟାର୍ଡରୁ ଝାଡ଼ଖଣ୍ଡ ଯିବାର ଥିଲା। ୟାର୍ଡରୁ ବାହାରିବା ବେଳେ ଟ୍ରେନର ୧୨ଟି ବଗି ଧାରଣାରୁ ଖସିଯାଇଥିଲା। ତେବେ କେଉଁ କାରଣରୁ ଦୁର୍ଘଟଣା ଘଟିଛି ତାହା ଜଣାପଡିନାହିଁ । ରେଳ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ।



## ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୧୪ ଘଡ଼ିଆଳ ଛୁଆ ଜନ୍ମ



**ବାରଙ୍ଗ,୨୫/୦୫ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ଖୁସି ଖବର । ପ୍ରାୟ ୧୦ ବର୍ଷର ବ୍ୟବଧାନ ପରେ ପ୍ରାଣୀ ଉଦ୍ୟାନରେ ୧୪ଟି ଘଡ଼ିଆଳ କୁମ୍ଭୀର ଛୁଆ ଅଣ୍ଡାରୁ ଫୁଟି ବାହାରିଛନ୍ତି । ଆହୁରି ଛୁଆ ଥିବା ଅନୁମାନ କରି ଖୁଆଡ଼ ଭିତରେ ବିଭିନ୍ନ ବାଲି ଗଦା ଖୋଳାଯାଇ ଖୋଜାଚାଲିଛି। ନନ୍ଦନକାନନ ପ୍ରାଣୀଉଦ୍ୟାନରେ ୨୦୧୫ ମସିହା ପରଠାରୁ ଭଲ ଅଣ୍ଡିରା ଘଡ଼ିଆଳ କୁମ୍ଭୀର ନଥିଲେ । ଯେଉଁମାନେ ଥିଲେ ସେମାନଙ୍କ ଦ୍ୱାରା ବଂଶ ବୃଦ୍ଧି ହୋଇପାରୁନଥିଲା । ଏହାକୁ ଲକ୍ଷ୍ୟରଖି ୨୦୨୧ ମସିହାରେ ରାଜସ୍ଥାନ ଜୟପୁରର ନାହାରଗଡ଼ ପ୍ରାଣୀଉଦ୍ୟାନ ପାର୍କରୁ ଦୁଇଟି ପୁରୁଷ ଘଡ଼ିଆଳ କୁମ୍ଭୀର ଅଣାଯିବା ପରେ ଖୁଆଡ଼ରେ ଗୋଟିଏ ଛଡ଼ାଯାଇଥିଲା । ଏବେ ସେହି କୁମ୍ଭୀରର ମିଳନ ପରେ ଏକାଧିକ କୁମ୍ଭୀର ମା' ହୋଇଥିବା ଜଣାପଡ଼ିଛି । ଘଡ଼ିଆଳ କୁମ୍ଭୀର ଶୀତ ଋତୁ ଶେଷରେ ସଙ୍ଗମ କରି ଗ୍ରୀଷ୍ମକାଳରେ ନଦୀ ବାଲିରେ ଗାତ ଖୋଳି ପ୍ରାୟ ୩୦ରୁ ୫୦ ପାଖାପାଖି ଅଣ୍ଡା ଦେଇଥାନ୍ତି । ଦୁଇରୁ ଅଢ଼େଇ ମାସ ମଧ୍ୟରେ ଅଣ୍ଡା ଫୁଟି ଛୁଆ ବାହାରନ୍ତି । ୧୯୮୦ ମସିହାରେ ନନ୍ଦନକାନନ ପ୍ରାଣୀଉଦ୍ୟାନର ଆବଦ୍ଧ ଜଳାଶୟରେ ମାଈ ଘଡ଼ିଆଳ ଅଣ୍ଡାଦାନ କରିଥିଲେ। ୭୦/୭୫ ଦିନ ପରେ ସେହି ଅଣ୍ଡାଫୁଟି ଛୁଆ ଜନ୍ମ ନେଇଥିଲେ ।

### ଗୃହମନ୍ତ୍ରଣାଳୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀରେ ଆଇପିଏସ୍ ଅଧିକାରୀଙ୍କ ନିଯୁକ୍ତି ହ୍ରାସ ହେଉ

**ନୂଆଦିଲ୍ଲୀ,୨୫।୫**



କ୍ୟାଡର ଅଧିକାରୀମାନଙ୍କୁ ବରିଷ୍ଠ ପଦବୀରେ ନିଯୁକ୍ତି ଦେବା ଆବଶ୍ୟକ। ଏହା ସହିତ, ଅର୍ଦ୍ଧସାମରିକ ବାହିନୀରେ ଆଇପିଏସ ଅଧିକାରୀଙ୍କ ଲାଟେରାଲ ଏଣ୍ଟ୍ରି ଯୋଗୁଁ କ୍ୟାଡର ଅଧିକାରୀମାନେ ଉଚ୍ଚ ପଦବୀରେ ପହଞ୍ଚିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି ପରିସ୍ଥିତିରେ, ସୁପ୍ରିମକୋର୍ଟ ଆଗାମୀ ଦୁଇ ବର୍ଷ ମଧ୍ୟରେ ଡେପୁଟେସନରେ ଆସୁଥିବା ଆଇପିଏସ ଅଧିକାରୀଙ୍କ ନିଯୁକ୍ତି ହ୍ରାସ କରିବାକୁ ଗୃହମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି।

ବର୍ତ୍ତମାନ, କେନ୍ଦ୍ରୀୟ ପୋଲିସ ବାହିନୀରେ ଅଧିକାରୀଙ୍କ ନିଯୁକ୍ତି ଦୁଇଟି ଉପାୟରେ କରାଯାଏ। ସାଧାରଣତଃ କ୍ୟାଡର ଅଧିକାରୀମାନଙ୍କୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କଠାରୁ ଡିଆଇଜି ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଏ। କେବଳ ଆଇପିଏସ୍ ଅଧିକାରୀମାନଙ୍କୁ ଆଇଜି ଠାରୁ ଆରମ୍ଭ କରି ମହାନିର୍ଦ୍ଦେଶକ ପର୍ଯ୍ୟନ୍ତ ପଦବୀରେ ନିଯୁକ୍ତି ଦିଆଯାଏ। ଏହି ଆଇପିଏସ ଅଧିକାରୀମାନେ କିଛି ସମୟ ପାଇଁ ଡେପୁଟେସନରେ କେନ୍ଦ୍ରୀୟ ନିଯୁକ୍ତିରେ ଆସନ୍ତି।

କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀରେ ସିଆରପିଏଫ୍, ବିଏସଏଫ୍ ଓ ଆଇଟିବିପି ବ୍ୟତୀତ ଏସଏସ୍‌ବି, ସିଆଇଏସ୍‌ଏଫ୍ ଏବଂ ଏନ୍‌ଡିଆରଏଫ୍ ବ୍ୟତୀତ ଅନ୍ତର୍ଭୁକ୍ତ। କ୍ୟାଡର ଅଧିକାରୀମାନେ ସର୍ଭିସ ସିଲେକ୍ସନ କମିଶନ୍ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇ କେନ୍ଦ୍ରୀୟ ପୋଲିସ ବାହିନୀରେ ଯୋଗ ଦିଅନ୍ତି, ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀମାନେ ୟୁପିଏସ୍‌ସି ପରୀକ୍ଷା ମାଧ୍ୟମରେ ବିଭିନ୍ନ ରାଜ୍ୟ ପୋଲିସ ସେବାରେ ଯୋଗ ଦିଅନ୍ତି। ଏହି ଆଇପିଏସ ଅଧିକାରୀମାନେ କିଛି ସମୟ ପାଇଁ କେନ୍ଦ୍ରୀୟ ଡେପୁଟେସନରେ କେନ୍ଦ୍ରୀୟ ପୋଲିସ ବାହିନୀର ବରିଷ୍ଠ ପଦବୀରେ ନିଯୁକ୍ତ ହୋଇଥାନ୍ତି। ଗତ କିଛି ବର୍ଷ ମଧ୍ୟରେ, କ୍ୟାଡର ଅଧିକାରୀମାନଙ୍କୁ ଏଡିଜି ପାହ୍ୟା ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଇଛି। କିନ୍ତୁ ଏପରି ଅଧିକାରୀଙ୍କ ସଂଖ୍ୟା ବହୁତ କମ୍। ଏହି କାରଣରୁ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଲା। ସୁପ୍ରିମକୋର୍ଟର ଦୁଇ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ଏବେ ଗୃହ ମନ୍ତ୍ରଣାଳୟକୁ କ୍ୟାଡର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଶ୍ରୀ ଜୀଉଙ୍କ ରଥରେ ଚଉଦ ନାହାକା କାମ ଆରମ୍ଭ

**ପୁରୀ,୨୫/୦୫ ନ୍ୟୁଜ ବ୍ୟୁରୋ**



ଶ୍ରୀଜୀଉଙ୍କ ରଥର ଚଉଦନାହାକା କାମ ଆରମ୍ଭ ହୋଇଥିବା ବେଳେ ରଥଖଳାରେ ପହଞ୍ଚିଛି ରଥ ଅଖ ପାଇଁ ଆବଶ୍ୟକ ୪୦ ଫୁଟିଆ କାଠ । ରବିବାର ୩୨ଟି ୪୦ ଫୁଟିଆ କାଠ ଆସି ପହଞ୍ଚିଛି । ସେଥିରେ ୧୦ଟି ଧଉରା ଓ ୩୨ ଟି ଅସନ କାଠ ରହିଛି। ତିନି ରଥର ଅଖ ପାଇଁ ସମୁଦାୟ ୧୦୦ଟି ୪୦ ଫୁଟିଆ କାଠ ଆବଶ୍ୟକତା ରହିଛି । ସେଥିରୁ ୩୮ଟି କାଠ ପୂର୍ବରୁ ଆସିଥିବା ବେଳେ ବାକି ଆବଶ୍ୟକ କାଠ ପୁରୀରେ ପହଞ୍ଚି ପାରିନଥିଲା । ଯାହାକୁ ନେଇ ମହାରଣା ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ତେବେ ରବିବାର ବାକି କାଠରୁ ୩୨ଟି ୪୦ ଫୁଟିଆ କାଠ ପୁରୀରେ ପହଞ୍ଚି ଥିବା ବେଳେ ବିଶ୍ୱକର୍ମାମାନେ ବାରିସିରେ ହାଣି ଏହି କାଠକୁ ପ୍ରସ୍ତୁତ କରୁଛନ୍ତି । ଦଣ୍ଡା ଉପରେ ଖଦିଓରା ପଡ଼ିବ । ଚଉଦନାହାକାର ସାଲ ସବୁକୁ ଖଦିଓରାର ବିନ୍ଧରେ ସ୍ଥାପନ କରାଯିବ। ଚାରିନାହାକା ଓ ଛଅ କାଠକୁ ଦୃଷ୍ଟିଦେଇ ଚଉଦନାହାକା ବୁଲିବ । ଦଣ୍ଡା ଉପରେ ଗରଗରା ଓ ସେଥିରେ ରହିବ ଚାରିନାହାକା । ରଥରେ ଚଉଦନାହାକା ବୁଲିଲେ ପ୍ରଥମ ଭୂଇଁ ଟୁଙ୍ଗୁରା ହେବ। ରଥରେ ତିନୋଟି ଭୂଇଁ ନିର୍ମାଣ ହେବ। ଚଉତା କାଠରେ ସୂତା ମରା ଶେଷ ହୋଇ ବିନ୍ଧ ଅନୁକୂଳ ପାଇଁ ପ୍ରସ୍ତୁତି ସରିଛି । ମୁଖ୍ୟ ବିଶ୍ୱକର୍ମାଙ୍କ ତତ୍ତ୍ୱାବଧାନରେ ସୂତାର ମହାରଣାଙ୍କ ଦ୍ୱାରା ସୂତାମରା ଯାଇଛି। ତିନି ରଥର ୧୨ଟି କରି ମୋଟ ୩୬ଟି ଚଉତା କାଠ । ଏହା ହେଉଛି ରଥର ଉପରିଭାଗ କାର୍ଯ୍ୟ । ଏଥିସହ ରଥର ଚକ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତିନି ରଥର ୪୨ ଚକ ମଧ୍ୟରୁ ୩୬ ଚକ ପ୍ରାୟ ଶେଷ । ତାଳଧ୍ୱଜ ରଥର ୧୨ ନମ୍ବର ଚକ ଶେଷ ହୋଇଛି। ନନ୍ଦିଘୋଷର ୧୪ନମ୍ବର ଓ ଦେବଦଳନ ରଥର ୧୦ ନମ୍ବର ଚକ ଶେଷ ହୋଇଛି। ଏବେ ଶେଷ ଚକ ଗୁଡ଼ିକର ପହିରେ ବିନ୍ଧ ଖୋଦେଇ ଜାରି ରହିଛି । ରଥର ଯୋକା ନିର୍ମାଣ ଶେଷ ପର୍ଯ୍ୟାୟରେ । ରଥ ଚତୁଃପାର୍ଶ୍ୱରେ ଯୋକା ସ୍ଥାପନ ହେବ। ତିନି ରଥର ମୋଟ ୪୪ଟି ଯୋକା ରହିଛି । ଚାରପରିଛା ତିଆରିଛନ୍ତି ବିଶ୍ୱକର୍ମା । ରୂପକାର ଏଥିରେ ଖୋଦେଇ ଆରମ୍ଭ କରିବେ । ଦଣ୍ଡା, ଗୟଳ ଓ ଅଖ ନିର୍ମାଣ ପାଇଁ ଆବଶ୍ୟକ କାଠ ରଥ ଖଳାରେ ପହଞ୍ଚିଛି। ରଥର ଏହି ତିନି ଅଂଶ ତିଆରି ପାଇଁ ଆବଶ୍ୟକ ହୁଏ ୪୦ ଫୁଟିଆ କାଠ। ଏହି ସବୁ କାଠ ଶୀଘ୍ର ପହଞ୍ଚିଥିଲେ ମଧ୍ୟ ରଥ କାର୍ଯ୍ୟ ସ୍ୱାଭାବିକ ଆଗେଇବ ବୋଲି କହିଛନ୍ତି ନିର୍ମାଣକାରୀ। ଗୁଜରେ ଅଳଙ୍କରଣ କାର୍ଯ୍ୟ ଜାରି ରଖିଛନ୍ତି ରୂପକାର । କମାର ସେବକମାନେ ଅସ୍ଥାୟୀ ଶାଳରେ ରଥ ପାଇଁ ଦଣ୍ଡା ବିଡ଼ିଆ ଓ ଚଉରସ କଣ୍ଟା ନିର୍ମାଣ କରୁଛନ୍ତି । ଦୋଳବେଦି ପରିସରରେ ପାହି ମହାରଣାଙ୍କ ଦ୍ୱାରା ଠାକୁରଙ୍କ ସ୍ନାନଯାତ୍ରା ଓ ରଥ ଯାତ୍ରା ପାଇଁ ଆବଶ୍ୟକ ଉପକରଣ ପ୍ରସ୍ତୁତ ହେଉଥିବା ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ର କୁମାର ମହାନ୍ତି ସୂଚନା ଦେଇଛନ୍ତି ।

## ସୂର୍ଯ୍ୟମନ୍ଦିରରୁ ବାଲିକଢ଼ା ସ୍ଥିତି ଅନୁଧ୍ୟାନ କଲେ ଏଏସ୍‌ଆଇ ମହାନିର୍ଦ୍ଦେଶକ



**କୋଣାର୍କ, ୨୫/୦୫ ନ୍ୟୁଜ ବ୍ୟୁରୋ**

କୋଣାର୍କ ସୂର୍ଯ୍ୟମନ୍ଦିର ଜଗମୋହନରୁ ବାଲି କାଢ଼ିବା ପାଇଁ ଟନେଲ୍ ନିର୍ମାଣର ଶୁଭାରମ୍ଭ କରାଯାଇଛି । ଏଏସ୍‌ଆଇର ମହାନିର୍ଦ୍ଦେଶକ (ସଂରକ୍ଷଣ) ଡକ୍ଟର ଯଦୁବୀର ସିଂ ରାୱତ ପ୍ରାଥମିକସ୍ତରରେ ଗର୍ଭଗୃହ ମଧ୍ୟକୁ ମନ୍ଦିରର ପଶ୍ଚିମ ପାର୍ଶ୍ୱରେ ଏକ ଟନେଲ ନିର୍ମାଣ କରାଯିବା ପାଇଁ ସର୍ବସମ୍ମତ ନିଷ୍ପତ୍ତିକ୍ରମେ ଡିଜି ଶ୍ରୀ ରାୱତ ଗର୍ଭଗୃହର ଶୀର୍ଷରେ ନଡ଼ିଆ ବାଢ଼େଇ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଡିଜି ଶ୍ରୀ ରାୱତ୍‌ଙ୍କ ସମେତ ସଂରକ୍ଷଣ ଏଡିଜି ଜାନ୍‌ଭି ଶର୍ମା, ସଂରକ୍ଷଣ ନିର୍ଦ୍ଦେଶକ, ସଂରକ୍ଷଣ ବିଜ୍ଞାନ ନିର୍ଦ୍ଦେଶକ, ଆଇଆଇଟି ଖଡ଼ଗପୁରର ଅଧିକାରୀ ଓ ଟେକ୍‌ନିକାଲ୍ ସଦସ୍ୟଙ୍କ ଉପସ୍ଥିତିରେ ଏକ ୧୫ଜଣିଆ କୋର୍ କମିଟି ସୂର୍ଯ୍ୟମନ୍ଦିରର ସ୍ଥିତି ଅନୁଧ୍ୟାନ କରିଥିଲେ।

ବିଶେଷ ଭାବେ ବାଲି କାଢ଼ିବା ପ୍ରସଙ୍ଗରେ ଏଏସ୍‌ଆଇ ପୁରୀ ସର୍କଲ ସୁପରିନ୍‌ଟେଣ୍ଡେଣ୍ଟ ଡି ବି ଗଡ଼ନାୟକଙ୍କ ସହିତ ସବିଶେଷ ଆଲୋଚନା କରିବା ସହିତ ବାଲି କାଢ଼ିବା ପାଇଁ ପୂର୍ବରୁ ପ୍ରସ୍ତୁତ ଟ୍ରେସ୍ ମ୍ୟାପ ଦେଖି ଟିକିନିଖି ପଚାରି ବୁଝିଥିଲେ। କିଭଳି ମନ୍ଦିର ଗର୍ଭଗୃହ ମଧ୍ୟରୁ ସୁରକ୍ଷିତ ଭାବରେ ବାଲି କଢ଼ାଯିବ ସେ ସମ୍ପର୍କରେ ଶ୍ରୀ ରାୱତଙ୍କ ଉପସ୍ଥିତିରେ ଅନ୍ୟବରିଷ୍ଠ ଅଧିକାରୀମାନଙ୍କ ସହିତ ସବିଶେଷ ଆଲୋଚନା କରାଯାଇଥିଲା। ପରେ ସମସ୍ତ ଅଧିକାରୀ ସୂର୍ଯ୍ୟମନ୍ଦିର ଉପରକୁ ଚଢ଼ି ମନ୍ଦିରର ଶୀର୍ଷରେ ଥିବା ଗର୍ଭଗୃହର ସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ ଯେ, ସୂର୍ଯ୍ୟମନ୍ଦିର ଭିତର ଓ ବାହାରର ସମସ୍ତ ସ୍ଥିତି ସୁରକ୍ଷିତ ରହିଛି ଓ ଆଗକୁ ପର୍ଯ୍ୟାୟକ୍ରମେ ଗର୍ଭଗୃହରୁ ବାଲି କଢ଼ାଯିବା ନେଇ ମେକାନିକାଲ୍ ପ୍ଲାଟଫର୍ମର ନିର୍ମାଣ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି। ଗର୍ଭଗୃହ ମଧ୍ୟକୁ ଯିବାପାଇଁ ଏକ ଟନେଲ୍‌ର କାର୍ଯ୍ୟ ସରିଲେ ଗର୍ଭଗୃହ ମଧ୍ୟରେ ଥିବା ବାଲିର ସ୍ଥିତିକୁ ନଜରରେ ରଖି ସାବଧାନତାର ସହିତ ବାଲି କଢ଼ାଯିବ ବୋଲି ଡିଜି ଶ୍ରୀ ରାଓତ ସୂଚନା ଦେଇଛନ୍ତି।

### ଚୌଦ୍ୱାର ଜେଲ୍‌ରେ କଏଦୀଙ୍କ ଆତ୍ମହତ୍ୟା

**କଟକ, ୨୫/୦୫ ନ୍ୟୁଜ ବ୍ୟୁରୋ**

ଜେଲ୍‌ରେ କଏଦୀଙ୍କ ଆତ୍ମହତ୍ୟା ଅଭିଯୋଗ। କଟକ ଚୌଦ୍ୱାର ଜେଲ୍‌ରେ ଆଜୀବନ ସଜା କାଟୁଥିବା ଜଣେ କଏଦୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଆମ୍ବ ଗଛରେ ଗାମୁଛା ସାହାଯ୍ୟରେ ଝୁଲି ପଡ଼ି ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ମୃତ କଏଦୀ ହେଲେ ଟାଙ୍ଗୀ ଜରିପଡ଼ା ପଞ୍ଚାୟତ ସାମନ୍ତରାପୁର ଗାଁର ବିଷ୍ଣୁ ପ୍ରସାଦ ସ୍ୱାଇଁ । ସେ ଏକ ହତ୍ୟା ଘଟଣାରେ ଚୌଦ୍ୱାର ଜେଲ୍‌ରେ ଆଜୀବନ ସଜା କାଟୁଥିଲେ।

## ତାମିଲନାଡୁରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

**କଣ୍ଟାବାଞ୍ଜି ୨୫।୫ ନ୍ୟୁଜ ବ୍ୟୁରୋ**

ତାମିଲନାଡୁରେ ଜଣେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତେବେ ଗାଁକୁ ଫେରି ପାରୁନାହିଁ ଶବ । ବେସାହାରା ହୋଇପଡିଛନ୍ତି ପରିବାର । ସୂଚନାଯୋଗ୍ୟ ଯେ, ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ବରତୁଣ୍ଡା ଗାଁର ନାରାୟଣ ସୁଲିଆ ତାମିଲନାଡୁକୁ ସ୍ଥାନୀୟ ଲୋକଙ୍କ ସହ ଇଟା ଗଢିବାକୁ ଯାଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଟଙ୍କା ଅଭାବରୁ ତାଙ୍କ ମୃତଦେହ ଗାଁକୁ ଆସି ପାରିନଥିବା ଜଣାପଡ଼ିଛି । ପରିବାର ପ୍ରତିପୋଷଣ ପାଇଁ ସେ ତାମିଲନାଡୁକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଗାଁକୁ ଶବ ଫେରିପାରିନଥିବା ବେଳେ ତାଙ୍କ ସ୍ତ୍ରୀ ଓ ନାବାଳିକା ଝିଅ ବେସାହାରା ହୋଇପଡିଛନ୍ତି ।

## ବିଦେଶ ମୁହାଁ ଭାରତୀୟ ଉଦ୍ୟୋଗୀ : ଲଗାତାର କମୁଛି ଏଫଡିଆଇ

**ଭୁବନେଶ୍ୱର, ୨୫/୦୫ ନ୍ୟୁଜ ବ୍ୟୁରୋ**

ଲଗାତାର ୩ ବର୍ଷ ଧରି ନେଟ ଏଫଡ଼ିଆଇରେ ହ୍ରାସ। ଗତବର୍ଷ ଅପେକ୍ଷା ଏଥର ୯୬.୫ ପ୍ରତିଶତ ହ୍ରାସ ପାଇଛି ନେଟ ଏଫଡ଼ିଆଇ। ଗତବର୍ଷ ୧୦ ବିଲିଅନ୍ ବିଦେଶୀ ପୁଞ୍ଜି ଆସିଥିବା ବେଳେ ଏଥର ତାହା ୩୫୩ ମିଲିଅନକୁ ହ୍ରାସ ପାଇଛି। ଏହାର ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ପଡ଼ିବା ସହ ନିଯୁକ୍ତି କ୍ଷେତ୍ର ସଂକୁଚିତ ହେବା ସମ୍ଭାବନା ରହିଛି । ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜି ହ୍ରାସ ନେଇ ରିପୋର୍ଟ ପ୍ରକାଶ କରିଛି ଆରବିଆଇ । ଭାରତୀୟ ପୁଞ୍ଜିପତିମାନେ ଭାରତ ଅପେକ୍ଷା ବିଦେଶରେ ଅଧିକ ପୁଞ୍ଜି ନିବେଶ କରିବାକୁ ଚାହୁଁଛନ୍ତି। ଭାରତରେ ଶିଳ୍ପ ଭିତ୍ତିଭୂମି, ସରକାରୀ ନୀତି ଓ ଇଜ ଅଫ୍ ଡୁଇଙ୍ଗ ଦେଖି ପୁଞ୍ଜିପତିମାନେ ନିବେଶ କରିଥାନ୍ତି। ଦେଶରେ କିଛି ରାଜ୍ୟକୁ ଛାଡ଼ିଦେଲେ ସବୁ ରାଜ୍ୟରେ ପୁଞ୍ଜି ନିବେଶ ହେଉନାହିଁ। ୨୦୨୩ରେ ଭାରତକୁ ୨୫ ବିଲିଅନ୍ ଏଫଡ଼ିଆଇ ଆସିଥିବା ବେଳେ ୨୦୨୪ରେ ତାହା ୧୦ ବିଲିଅନକୁ ଖସିଥିଲା। ୨୦୨୫ରେ ଏହି ପରିମାଣ ୩୫୩ ମିଲିଅନକୁ ଖସିଆସିଛି। ଗ୍ରସ ଏଫଡ଼ିଆଇରେ ୧୩ ପ୍ରତିଶତ ବୃଦ୍ଧି ପାଇଥିଲେ ବି କେତେକ ପୁଞ୍ଜିପତି ଭାରତୀୟ ମାର୍କେଟକୁ ଛାଡ଼ିବା ଯୋଗୁଁ ନେଟ ଏଫଡ଼ିଆଇ କମି କମି ଚାଲିଛି। ସ୍ୱିଗୀ, ହୁଣ୍ଡାଇ, ଆଇଟିସି, ଏୟାରଟେଲ ଭଳି କମ୍ପାନୀଙ୍କ ଆଇପିଓ ପ୍ରତ୍ୟାହାର ଯୋଗୁଁ ଏଫଡ଼ିଆଇ କମିଚାଲିଛି। ୬୦ ପ୍ରତିଶତରୁ ଅଧିକ ଏଫଡ଼ିଆଇ ନିର୍ମାଣ, ଆର୍ଥିକ ସେବା, ଶକ୍ତି କ୍ଷେତ୍ରରେ ଆସୁଛି। ୭୫ ପ୍ରତିଶତ ଏଫଡ଼ିଆଇ ସିଙ୍ଗାପୁର, ମରିସସ୍, ୟୁଏଇ, ନେଦରଲ୍ୟାଣ୍ଡ ଓ ଆମେରିକାକୁ ଯାଉଛି। ୨୦୨୩ରେ ଭାରତରୁ ଏଫଡ଼ିଆଇ ପ୍ରତ୍ୟାହାର ୨୯.୩ ବିଲିଅନ୍ ଥିବା ବେଳେ ୨୦୨୪ରେ ଏହା ୪୪.୫ ବିଲିଅନ୍ ରହିଥିଲା । ୨୦୨୫ରେ ୫୧.୫ ବିଲିଅନରେ ପହଞ୍ଚିଛି। ବିଦେଶରେ ଭାରତୀୟ କମ୍ପାନୀଙ୍କ ପୁଞ୍ଜି ନିବେଶ ପରିମାଣ ଗତବର୍ଷ ୧୬.୭ ବିଲିଅନ୍ ଥିବା ବେଳେ ଏଥର ତାହା ୨୯.୨ ବିଲିଅନରେ ପହଞ୍ଚିଛି।

# ସମ୍ବଲପୁର ଚିଡିଆଖାନା ହେବ ଓଡ଼ିଶାର ଦ୍ୱିତୀୟ ନନ୍ଦନକାନନ

**ସମ୍ବଲପୁର ୨୫।୫ ନ୍ୟୁଜ ବ୍ୟୁରୋ**




କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଭୋରରୁ ସମ୍ବଲପୁର ଚିଡିଆଖାନା ପରିଦର୍ଶନ କରିଛନ୍ତି। ଏହାସହ ଏହାକୁ ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶାର ଦ୍ୱିତୀୟ ନନ୍ଦନକାନନ କରିବା ପାଇଁ ଯୋଜନା କରାଯିବ ବୋଲି କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଚିଡିଆଖାନାରେ ଜୀବ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ବୁଲିବା ସହ ସାଧାରଣ ଲୋକଙ୍କ ସହ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ । ସମ୍ବଲପୁର ଚିଡ଼ିଆଖାନାର ବିଭିନ୍ନ ସମସ୍ୟା ଓ ନୂଆ ଜୀବଜନ୍ତୁ ଅଣାଯିବା ନେଇ ଚିଡିଆଖାନା ବନ ବିଭାଗ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସମ୍ବଲପୁର ଚିଡିଆଖାନାକୁ ନନ୍ଦନକାନନ ଢଙ୍ଗରେ ନୂଆ ରୂପ ଦେବା ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଏହାକୁ ବଡ କରିବା ସହ ପର୍ଯ୍ୟଟକଙ୍କ ସୁବିଧା ବଢାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ । ସହରରେ ପ୍ରକୃତି ପ୍ରତି ନୂଆପିଢ଼ିଙ୍କୁ ଆକୃଷ୍ଟ କରାଇବା ପାଇଁ ଉଦ୍ୟମ କରାଯିବ । ଚିଡିଆଖାନାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଉତ୍ତମ ବ୍ୟବହାର ସହ ଚିଡ଼ିଆଖାନାର କର୍ମଚାରୀମାନଙ୍କୁ ଭଲ ଭାବେ ତାଲିମ ଦେବା ପାଇଁ ପରାମର୍ଶ ଦେଇଥିଲେ ଧର୍ମେନ୍ଦ୍ର ପ୍ରଧାନ ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ "ବିଶ୍ୱ ପରିବେଶ ଦିବସ' ଅବସରରେ "ମା' ପାଇଁ ଗଛଟିଏ" ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିନବ ଅଭିଯାନରେ ସାମିଲ ହେବା ପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସମ୍ବଲପୁରକୁ ସବୁଜ ସହରରେ ପରିଣତ କରାଯିବ । ଏଥିପାଇଁ ୩ ମାସରେ ୧ ଲକ୍ଷରୁ ଅଧିକ ଗଛ ଲାଗିବ । ବିଶ୍ୱ ପରିବେଶ ଦିବସ ଜୁନ୍ ୫ରୁ, ଜୁଲାଇ ଓ ଅଗଷ୍ଟ ମାସ ପର୍ଯ୍ୟନ୍ତ ଗଛ ଲାଗିବ। ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ସହ ଏହି ଅଭିଯାନରେ ବହୁ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ମାତୃଶକ୍ତି, ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ସାମିଲ ହେବେ । ବୃକ୍ଷରୋପଣ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରାଯିବ । ଆମର ପରିବେଶକୁ ଆହୁରି ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇବା ସହ ତା'ର ଯତ୍ନ ନେବା ଦରକାର ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଏସ୍‌ସିବି ହେବ ଥାଲାସେମିଆ, ସିକିଲସେଲ୍ ଉତ୍କର୍ଷ କେନ୍ଦ୍ର




**କଟକ, ୨୫/୦୫ ନ୍ୟୁଜ ବ୍ୟୁରୋ**

ଥାଲାସେମିଆ, ସିକିଲସେଲ୍ ରୋଗୀଙ୍କ ପାଇଁ ଏସ୍‌ସିବିରେ ହେବ ଉତ୍କର୍ଷ କେନ୍ଦ୍ର। ଏଥିପାଇଁ ୨୦କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ ଜି+୭ କୋଠା। ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ପକ୍ଷରୁ କେନ୍ଦ୍ରୀୟ ଅନୁଦାନରେ ଏହି କୋଠା ନିର୍ମାଣ କରାଯିବ। ଏଥିରେ ରୋଗୀଙ୍କ ଚିକିତ୍ସାଠାରୁ ଆରମ୍ଭ କରି ସେମାନଙ୍କ ସମସ୍ତ ପ୍ରକାର ପରୀକ୍ଷା ବ୍ୟବସ୍ଥା କରାଯିବ। ରାଜ୍ୟରେ ଏଭଳି ଉତ୍କର୍ଷ କେନ୍ଦ୍ର ସ୍ଥାପନ ଥାଲାସେମିଆ ଓ ସିକିଲସେଲ୍ ରୋଗୀଙ୍କ ପାଇଁ ବରଦାନ ସଦୃଶ ହେବ ବୋଲି କୁହାଯାଉଛି। ଏଥିପାଇଁ ନୋଡାଲ୍ ଅଫିସର ଭାବେ ଅତିରିକ୍ତ ଡିଏମ୍‌ଇଟି ପ୍ରଫେସର ଡାକ୍ତର ଉମାକାନ୍ତ ଶତପଥୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏସ୍‌ସିବି ବିଏସ୍‌ସି ନର୍ସିଂ ବିଭାଗ ସମ୍ମୁଖରେ ଖାଲିଥିବା ସ୍ଥାନରେ ଏହି କୋଠା ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ତେବେ କେତେ ଶଯ୍ୟା ରହିବ ଓ କି ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ରହିବ, ସେ ସଂପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ। କୋଠା ନିର୍ମାଣ ପାଇଁ ଆସିଥିବା କେନ୍ଦ୍ରୀୟ ଅନୁଦାନକୁ ଡିଏମ୍‌ଇଟିଙ୍କ ପକ୍ଷରୁ ମଞ୍ଜୁର କରାଯାଇଛି।ଏହି କେନ୍ଦ୍ର ମାଧ୍ୟମରେ ରୋଗ ଚିହ୍ନଟ ଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ସବୁ କିଛି ଅତ୍ୟାଧୁନିକ ଚିକିତ୍ସା ଯୋଗାଇ ଦିଆଯିବ।